## ରାଜସ୍ୱ କର୍ମଚାରୀଙ୍କ କଲମଛାଡ଼ ଆନ୍ଦୋଳନ

ପାଟଣା,(ବୀର କିଶୋର ଦାଶ): ରାଜ୍ୟ ରାଜସ୍ୱ ସଂଘର ଡାକରାରେ ସୋମବାର କେନ୍ଦୁଝର ଜିଲା ପାଟଣା ତହସିଲର ୧୨ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟର ରାଜସ୍ୱ ନିରୀକ୍ଷକ ଓ ପରିଦର୍ଶକ ପାଟଣା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ କଲମଛାଡ଼ ଆନ୍ଦୋଳନ କରିଛନ୍ତି। ଆନ୍ଦୋଳନ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଜାରି ରହିବ ବୋଲି ରାଜସ୍ୱ ପରିଦର୍ଶକ ବନମାଳି ନାୟକ କହିଛନ୍ତି। ଆନ୍ଦଳନରେ ଆରଆଇ ଶ୍ରୀଧର ନାଏକ, ସତ୍ୟବ୍ରତ ସାହୁ, ବିକ୍ରମ ମିଶ୍ର, ମଳୟ ନାୟକ, ଲୋପାମୁଦ୍ରା କୁଅଁର ପ୍ରମୁଖ ସାମିଲ ଥିଲେ।

**କେନ୍ଦୁଝର**

## 'ଆମ ଓଡ଼ିଶା, ନବୀନ ଓଡ଼ିଶାରେ ଗ୍ରାମାଞ୍ଚଳର ବିକାଶ ହେଉଛି'

ଢେଙ୍କିକୋଟ,୧୯।୨(ନୀଳମଣି ମଣ୍ଡଳ): କେନ୍ଦୁଝର ଜିଲା ଘଟଗାଁ ବ୍ଲକ୍ ଖଣ୍ଡଘର ପଞ୍ଚାୟତରେ ରାଜ୍ୟ ସରକାରଙ୍କ ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ବୈଜୟନ୍ତୀ ନାୟକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଘଟଗାଁ ବ୍ଲକ୍ ଅଧ୍ୟକ୍ଷା ଗୀତାଞ୍ଜଳି ନାୟକ, ମୁଖ୍ୟ ବକ୍ତାଭାବେ ୮ ନଂ. ଜୋନ୍ ଜିଲା ପରିଷଦ ସଦସ୍ୟ ରଣଜିତ ନାୟକ, ସମ୍ମାନୀୟ ଅତିଥିଭାବେ ୭ ନଂ. ଜୋନ୍ ଜିଲା ପରିଷଦ ସଦସ୍ୟ ସୁରେନ୍ଦ୍ର ଜେନା, ପଞ୍ଚାୟତ ସମିତି ସଦସ୍ୟ ଦ୍ରୌପଦୀ ସେଠୀ, ଖଣ୍ଡଘର ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଚିତ୍ରସେନ ମହାନ୍ତ ଯୋଗଦେଇ ମୁଖ୍ୟମନ୍ତ୍ରୀ ଗ୍ରାମାଞ୍ଚଳର ବିକାଶ କରିବା ସହ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ପାନୀୟ ଜଳ ପ୍ରତି ଦୃଷ୍ଟି ଦେଇ ଜନସାଧାରଣଙ୍କ ସୁବ୍ୟବସ୍ଥା କରିଥିବା କହିଥିଲେ। ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ରୋହିତ କୁମାର ବେହେରା ପରିଚାଳନା କରିଥିଲେ। ଗ୍ରାମ ରୋଜଗାର ସେବକ ମନମଥ ସାହୁ, କୁଳମଣି ନାୟକ, ଭାସ୍କର ସେଠୀ ଓ ସୁମନ୍ତ ସେଠୀ ପରିଚାଳନା କରି ସହଯୋଗ କରିଥିଲେ।

# ଜୈବିକ କୃଷି ପଦ୍ଧତି ଅବଲମ୍ବନ କର: ରାଜ୍ୟପାଳ

- ରାଜ୍ୟପାଳଙ୍କ ଦିନିକିଆ କେନ୍ଦୁଝର ଗସ୍ତ
- ମା' ତାରିଣୀ ଓ ବଳଦେବଜୀଉଙ୍କ ଦର୍ଶନ କଲେ

କେନ୍ଦୁଝର,୧୯।୨(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)/ଘଟଗାଁ (ରାଜେନ୍ଦ୍ର କୁମାର ପଟ୍ଟନାୟକ)

କେନ୍ଦୁଝର ଜିଲାକୁ ଦିନିକିଆ ଗସ୍ତରେ ଆସି ସୋମବାର ରାଜ୍ୟପାଳ ରଘୁବର ଦାସ ଟିକରପଡ଼ାରେ ମହିଳା ଚାଷୀ ଓ ଚାଷୀ ଉତ୍ପାଦକ ସଂଘ ଦ୍ୱାରା ଉତ୍ପାଦିତ ଚାଷ କାର୍ଯ୍ୟ ଦେଖିଥିଲେ। ପରେ ଟିକରପଡ଼ାଠାରେ ମହିଳା ଚାଷୀ ସମାବେଶରେ ଯୋଗଦେଇ ରାସାୟନିକ ସାର ପ୍ରୟୋଗ ବନ୍ଦ କରି ଜୈବିକ କୃଷି ପଦ୍ଧତି ଅବଲମ୍ବନ କରିବାକୁ ପରାମର୍ଶ ଦେଇଥିଲେ। ହଳଦିଆଟାଙ୍ଗିରି ମଡେଲ ଅଙ୍ଗନୱାଡ଼ି ସେଣ୍ଟର ପରିଦର୍ଶନ କରି କର୍ମୀ ଓ ଅଭିଭାବକଙ୍କ ସହ ପୋଷଣ ଯୋଜନା ନେଇ ଆଲୋଚନା କରିଥିଲେ।


ନରଣପୁରଠାରେ ଷ୍ଟଲ ବୁଲି ଦେଖୁଛନ୍ତି ରାଜ୍ୟପାଳ।

ପରେ ଟାଙ୍ଗରପଲସାରେ ପ୍ରଧାନମନ୍ତ୍ରୀ ଆବାସ ହିତାଧିକାରୀଙ୍କ ସହ ଆଲୋଚନା କରିଥିଲେ। ନରଣପୁରଠାରେ ସିଲେଇ ସେଣ୍ଟରରେ ମହିଳାଙ୍କ ସହ ଆଲୋଚନା କରି ସେଠାରେ ବଡି ଫେଡରେଶନ ସଦସ୍ୟାଙ୍କ ଦ୍ୱାରା ପ୍ରସ୍ତୁତ ବଡି ଓ ପେପର ମାସେ ଷ୍ଟଲ ବୁଲି ଦେଖିଥିଲେ। ଏସ୍‌ଏଚଜି ମହିଳାମାନେ ସେମାନଙ୍କ ଆୟରୁ କିଛି ଅଂଶ ନିଜ ପୁଅ ଓ ଝିଅଙ୍କ ଶିକ୍ଷା କ୍ଷେତ୍ରରେ ବିନିଯୋଗ କରିବାକୁ ପରାମର୍ଶ ଦେଇଥିଲେ। ବକ୍ସିବାରିଗାଁସ୍ଥିତ ଗ୍ରାମୀଣ ମେଡିକାଲ ମଧ୍ୟ ପରିଦର୍ଶନ କରିଥିଲେ। ଗସ୍ତ ସମୟରେ କେନ୍ଦୁଝର ଆରାଧ୍ୟ ଶ୍ରୀ ବଳଦେବଜୀଉଙ୍କ ଦର୍ଶନ ସହ ମନ୍ଦିର ପରିକ୍ରମା କରିଥିଲେ। ପରେ ଜିଲାର ଆରାଧ୍ୟା ଘଟଗାଁ ମା' ତାରିଣୀଙ୍କ ଦର୍ଶନ କରିଥିଲେ। ତାରିଣୀଙ୍କ ଦର୍ଶନ ସମୟରେ ଜିଲାପାଳ ବିଶାଳ ସିଂ ଓ ଏସ୍‌ପି ନୀତିନ କୁଶଳକର ସମେତ ପଦାଧିକାରୀ ସ୍ୱାଗତ କରିଥିଲେ। ମନ୍ଦିର ପ୍ରଶାସନ ତରଫରୁ ତାଙ୍କୁ ମା'ଙ୍କ ଧାନମୂର୍ତ୍ତି ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

### ବିଭିନ୍ନ ସଂଗଠନ ପକ୍ଷରୁ ଦାବିପତ୍ର

ରାଜ୍ୟପାଳଙ୍କ ଗସ୍ତ ଅବସରରେ ବିଭିନ୍ନ ସ୍ଥାନରେ ଜିଲାର ବିଭିନ୍ନ ସମସ୍ୟା ନେଇ ବିଭିନ୍ନ ସଂଗଠନ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ବିଶେଷ କରି ଯୁବ ଓ ଶ୍ରମ ବିକାଶ ମଞ୍ଚର ଉପସଭାପତି ଜୟକୃଷ୍ଣ ନାଏକ, ମା' ତାରିଣୀ ଜନସେବା ଟ୍ରଷ୍ଟ ସଭାପତି ତୁଳସୀ ପାତ୍ର ଓ ଶ୍ରୀରାମ ସେନାର ତ୍ରିନାଥ ସେଠୀ ଉପସ୍ଥିତ ରହି ଦାବିପତ୍ର ପ୍ରଦାନ କରିଥିଲେ। ଏଥିସହ ଘଟଗାଁ ବ୍ଲକ୍‌ର ତରା ପଞ୍ଚାୟତର ବେଢ଼ାପାଳ ଗ୍ରାମର ମହିଳାମାନେ ରାସ୍ତା ଅବସ୍ଥା ନେଇ ଲିଖିତଭାବେ ଜଣାଇଥିଲେ। ସେହିପରି ଘଟଗାଁ ବସ୍‌ଷ୍ଟାଣ୍ଡ ଉପରେ ଥିବା ଏକମାତ୍ର ଶୌଚାଳୟ ମରାମତି ପରେ ମଧ୍ୟ ଦୀର୍ଘ ୨ ବର୍ଷ ହେବ ବନ୍ଦ ରହିଛି। ଫଳରେ ଯାତ୍ରୀମାନେ ଯନ୍ତ୍ରଣା ପାଉଥିବା ସ୍ଥାନୀୟ ଲୋକେ ସାକ୍ଷାତକରି ଲିଖିତ ଅଭିଯୋଗ କରିଥିଲେ।

## ଆନନ୍ଦପୁରକୁ ନିଶାମୁକ୍ତ ସଚେତନତା ପଦଯାତ୍ରା

ଆନନ୍ଦପୁର,୧୯।୨(ଉମେଶ ଚନ୍ଦ୍ର ପାଢ଼ୀ)

ଆନନ୍ଦପୁର ପ୍ରେସ୍ ଫୋରମ ଆହ୍ୱାନ କ୍ରମେ ଆନନ୍ଦପୁରକୁ ନିଶାମୁକ୍ତ କରିବାକୁ ସଚେତନ ବାର୍ତ୍ତା ପ୍ରଦାନ କରି ଆନନ୍ଦପୁର ପ୍ରେସ ଫୋରମ ପକ୍ଷରୁ ପଦଯାତ୍ରା କରାଯାଇଛି। ସ୍ୱଚ୍ଛ ବାହିନୀଙ୍କ ଦ୍ୱାରା ପଦଯାତ୍ରା ପ୍ରାତଃ ୬ ଘଟିକାଠାରୁ ପ୍ରେସ ଫୋରମ କାର୍ଯ୍ୟାଳୟଠାରୁ ବାହାରି ଆନନ୍ଦପୁର ନଗର ପରିକ୍ରମା କରି ଆନନ୍ଦପୁରକୁ ନିଶାମୁକ୍ତ କରିବା ପାଇଁ ବାର୍ତ୍ତା ପ୍ରଦାନ କରିଥିଲେ। ପ୍ରେସ୍ ଫୋରମର ସଭାପତି ଓ ସମ୍ପାଦକ ନିର୍ମଳ ଚନ୍ଦ୍ର ରାଉଳଙ୍କ ସଂଯୋଜନାରେ ସଚେତନତା ରାଲି ଆଗାମୀ ଦିନରେ ବିଭିନ୍ନ ପୌର ପାଳିକା ଓ ପଞ୍ଚାୟତସ୍ତରରେ କରାଯାଇ ସଚେତନତା କରାଯିବ। ଅଭିଯାନରେ ଯୋଡ଼ି ହେବା ପାଇଁ ଫୋରମର ସଭାପତି ଯୁବପିଢ଼ିଙ୍କୁ ଆହ୍ୱାନ ଦେଇଛନ୍ତି। ସଚେତନତା କାର୍ଯ୍ୟକ୍ରମରେ ଶ୍ରୀତମ ମୁଖୀ, ଦୀପକ ମୁଖୀ, ପପୁ ମୁଖୀ, ସୁବ୍ରତ ମୁଖୀ, ବବୁଲ ମୁଖୀ, ବିକି ମୁଖୀ, କାହ୍ନା ମୁଖୀ, ସିପୁନ ଦଳେଇ, ରାହୁଲ ମୁଖୀ ପ୍ରମୁଖ ଯୁବପିଢ଼ି ଯୋଗଦେଇଥିଲେ।


ସ୍ୱଚ୍ଛ ବାହିନୀ ସଦସ୍ୟମାନେ।

## ଆଦି ମହୋତ୍ସବ ଅବସରରେ ଗଣଦୌଡ଼

କେନ୍ଦୁଝର,୧୯।୨(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର): ଆଦିବାସୀ କଳା, ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ, କେନ୍ଦୁଝର ତରଫରୁ ଗତ ଦୁଇ ଦିନ ଧରି ଚାଲିଥିବା ଆଦି ମହୋତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ଆଦିବାସୀ ଯୁବତୀ, ଯୁବକଙ୍କୁ ନେଇ କେନ୍ଦୁଝର ଜିଲାପାଳଙ୍କ ଅଫିସରୁ ବଳଦେବଜୀଉ ମନ୍ଦିର ପର୍ଯ୍ୟନ୍ତ ଗଣଦୌଡ଼ ଅନୁଷ୍ଠିତ ହୋଇଥିଲା। ଗଣଦୌଡ଼ରେ ପୁରୁଷ ବିଭାଗରେ ସଞ୍ଜୟ ହାଁସଦା, କ୍ଷୀରୋଦ ଚନ୍ଦ୍ର ହାଁସଦା, ବୀର ସିଂ ମାଝୀ କ୍ରମାନ୍ୱୟରେ ପ୍ରଥମ, ଦିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ମହିଳା ବିଭାଗରେ ମଞ୍ଜୁ ମୁଣ୍ଡା, ସୁଖୀ ବାସ୍କେ, ଲିଲି ମାଝୀ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। କାର୍ଯ୍ୟକ୍ରମରେ ପାଟଣା ବିଧାୟକ ଜଗନ୍ନାଥ ନାୟକ, କେନ୍ଦୁଝର ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ସୁଶ୍ରୀ ଲକ୍ଷ୍ମୀ ନାୟକ, ଉପାଧ୍ୟକ୍ଷ ନାରାୟଣ ପୂର୍ତ୍ତି ଅତିଥିଭାବେ ଯୋଗଦେଇ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ୫୦ ହଜାର, ଦ୍ୱିତୀୟ ସ୍ଥାନ ପାଇଁ ୩୦ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ୨୦ ହଜାର ଟଙ୍କା ଆର୍ଥିକ ରାଶି ପ୍ରଦାନ କରିଥିଲେ। ପରେ ଧରଣୀଧର ସ୍ପୋର୍ଟସ କମ୍ପ୍ଲେକ୍ସରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ୍ ମ୍ୟାଚ ଖେଳାଯାଇଥିଲା।



କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କାର ରାଶି ପ୍ରଦାନ କରୁଛନ୍ତି।

**ବନ ବିଭାଗକୁ ମାଙ୍କଡ଼ ସୁରକ୍ଷା ଚିନ୍ତା**

## କାନୋପି ବ୍ରିଜ୍‌ରେ ଯାଉନାହାନ୍ତି ମାଙ୍କଡ଼

କେନ୍ଦୁଝର,୧୯।୨(ଦୀପକ ମିଶ୍ର)

କେନ୍ଦୁଝର ଏକ ବଣ ପାହାଡ଼ ଘେରା ଜିଲା। ଏଠାକାର ଜଙ୍ଗଲଗୁଡ଼ିକରେ ବିଭିନ୍ନ ପ୍ରକାରର ବନ୍ୟପ୍ରାଣୀ ରହୁଛନ୍ତି। ଚଳପ୍ରଚଳ ବେଳେ ଜାତୀୟ ରାଜପଥ, ଜଙ୍ଗଲ ରାସ୍ତା ଅତିକ୍ରମ କରିବାକୁ ପଡୁଛି। କେତେକ ସ୍ଥାନରେ ମାଙ୍କଡ଼ ଜନବସତି ଅଞ୍ଚଳକୁ ଖାଦ୍ୟ ଅନ୍ୱେଷଣରେ ଯିବା ପାଇଁ ରାଜପଥ ପାର କରିଥାନ୍ତି। ଏହି ସମୟରେ ମାଙ୍କଡ଼ଙ୍କୁ ଦୁର୍ଘଟଣାରୁ ସୁରକ୍ଷା ଦେବା ନିମନ୍ତେ ବନବିଭାଗ ଜାତୀୟ ରାଜପଥ-୪୯ରେ ୩ ଝୁଲାପୋଲ(କାନୋପି ବ୍ରିଜ୍) ନିର୍ମାଣ କରିଥିଲା। ସେଥିରୁ ୨ଟିରେ ମାଙ୍କଡ଼ ଯାଉ ନ ଥିବାରୁ ବନବିଭାଗ ପାଇଁ ଚିନ୍ତାର କାରଣ ହୋଇଛି।

ସୂଚନା ଅନୁଯାୟୀ, ଜାତୀୟ ରାଜପଥର ଜୁଡ଼ିଆ ଘାଟି, ସାନଘାଗରା ଏବଂ କାଇପୁର ନିକଟରେ ଅନେକ ଶହ ମାଙ୍କଡ ଦେଖାଯାଆନ୍ତି।



ଉକ୍ତ ସ୍ଥାନଗୁଡ଼ିକରେ ବନ ବିଭାଗ ୩ ଝୁଲନ୍ତା ପୋଲ ନିର୍ମାଣ କରିଥିଲା। ଫଳରେ ଝୁଲାପୋଲ ଦ୍ୱାରା ମାଙ୍କଡ଼ ଅନ୍ୟପାଖ ଜଙ୍ଗଲକୁ ଜାତୀୟ ରାଜପଥ ଅତିକ୍ରମ କରି ଯାଇ ପାରିବେ ବୋଲି ଅନୁମାନ କରାଯାଉଥିଲା। ବିଶେଷ କରି ଜୁଡ଼ିଆ ଘାଟି ନିକଟରେ ସାନଘାଗରା ଜଳପ୍ରପାତ ଥିବାରୁ ଏଠାକୁ ପ୍ରତ୍ୟହ ଶତାଧିକ ପର୍ଯ୍ୟଟକ ଆସିଥାନ୍ତି। ପର୍ଯ୍ୟଟକ ଖାଦ୍ୟ ପଦାର୍ଥ ଫିଙ୍ଗୁ ଥିବାରୁ ଏହାକୁ ଖାଇବା ପାଇଁ ମାଙ୍କଡ଼ ରାସ୍ତାକଡ଼କୁ ଚାଲି ଆସନ୍ତି। ଜାତୀୟ ରାଜପଥ ୪୯ରେ ଦୈନିକ ଅନେକ ହଜାର ଭାରିଯାନ ଯା।ତା।ୟ।ତ କରୁଥିବାରୁ ଦୁର୍ଘଟଣାର ମଧ୍ୟ ଶିକାର ହୋଇଥାନ୍ତି। ବିଗତ ବର୍ଷରେ ରାସ୍ତା ପାରହେବା ସମୟରେ ୫୦ରୁ ଊର୍ଦ୍ଧ୍ୱ ମାଙ୍କଡ଼ଙ୍କ ଜୀବନ ଯାଇଛି। ମାତ୍ର ସିଦ୍ଧମଠ ଜଙ୍ଗଲରୁ ସାନଘାଗରା ଜଙ୍ଗଲ ଆଡ଼କୁ ମାଙ୍କଡ଼ଙ୍କ ଯାତାୟାତ ପାଇଁ ନିର୍ମିତ ୨ ଝୁଲାପୋଲରେ ମାଙ୍କଡ଼ ଯାତାୟାତ କରୁନାହାନ୍ତି। ମାଙ୍କଡ଼ଙ୍କ ସୁରକ୍ଷା ପାଇଁ ବନବିଭାଗ କରିଥିବା ପ୍ରୟାସକୁ ବନ୍ୟପ୍ରାଣୀ ପ୍ରେମୀ ପ୍ରଶଂସା କରିଛନ୍ତି। ମାତ୍ର ସେଥିରେ ମାଙ୍କଡ଼ ଅଧିକ ସଂଖ୍ୟାରେ ଯାଉନାହାନ୍ତି କାହିଁକି, ଝୁଲା ପୋଲରେ ଯିବାବେଳେ ଭୟ କରୁଛନ୍ତି କି, ଅନୁଧ୍ୟାନ କରି ବିକଳ୍ପ ବ୍ୟବସ୍ଥା କଲେ ମାଙ୍କଡ ଦୁର୍ଘଟଣାରୁ ମୁକ୍ତ ହୋଇପାରିବେ ବୋଲି କୁହାଯାଉଛି। ଡିଏଫ୍‌ଓ ଧନ୍‌ରାଜ ଏଚ୍‌ଡି କହିଛନ୍ତି, କାଇପୁର ନିକଟରେ ନିର୍ମିତ ଝୁଲାପୋଲରେ ମାଙ୍କଡ଼ମାନେ ବିନା ଭୟରେ ଯାତାୟାତ କରୁଛନ୍ତି। ମାତ୍ର ସାନଘାଗରା ନିକଟ ୨ ଝୁଲାପୋଲରେ ମାଙ୍କଡ଼ ନ ଯିବା ବ୍ୟାପକ ଗାଡ଼ି ଚଳାଚଳ ଏବଂ କୋଳାହଳ ମୁଖ୍ୟ କାରଣ ବୋଲି ସେ କହିଥିଲେ। ଅନ୍ୟପକ୍ଷରେ ମାଙ୍କଡ଼ଙ୍କୁ ରାସ୍ତାକଡ଼ରେ ଖାଦ୍ୟ ଦେଇ ଦୁର୍ଘଟଣା ମୁହଁକୁ ନ ଠେଲିବାକୁ ବନବିଭାଗ ପକ୍ଷରୁ ନିବେଦନ କରାଯାଇଛି।

**ଭଦ୍ରକ**

## ଶିଶୁ ସୁରକ୍ଷା ଉପରେ ଗୁରୁତ୍ୱ

ଚାନ୍ଦବାଲି,୧୯।୨ (ଅଶୋକ କୁମାର ପଣ୍ଡା)-ଭଦ୍ରକ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ଚାନ୍ଦବାଲି ବ୍ଲକ ସଭାଗୃହରେ 'ଶିଶୁ ପାଇଁ ଦିନଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକସ୍ତରୀୟ ଶିଶୁ ସୁରକ୍ଷା କମିଟିର ଅଂଶୀଦାର ସମୂହ ଏବଂ ଆଶୀର୍ବାଦ ହିତାଧିକାରୀଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ଆଇନ ପ୍ରୋବେସନ ଅଧିକାରୀ ସୁବ୍ରତ ଦାସଙ୍କ ସଞ୍ଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଡା. ଦେବରାଜ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ବିଡିଓ ଅସିତ କୁମାର ମହାନ୍ତି, ସିଡିପିଓ-୧ ସବିତା ସେଠୀ, ସିଡିପିଓ-୨ ଅହଲ୍ୟାରାଣୀ ଦୀପ, ଅନୁ ଶିକ୍ଷାଧିକାରୀ ତ୍ରିପୁରା ପଲେଇ, ବିଧାୟକଙ୍କ ପ୍ରତିନିଧି ଅକ୍ଷୟ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ପ୍ରତ୍ୟେକ ପରିବାରର ଶିଶୁମାନଙ୍କୁ ସୁରକ୍ଷା ଆବଶ୍ୟକ। ତୃଣମୂଳ ସ୍ତରରୁ ଶିଶୁ ସୁରକ୍ଷା ପ୍ରତି ଯତ୍ନବାନ ହେବା ଆବଶ୍ୟକ ବୋଲି ଅତିଥିମାନେ କହିଥିଲେ। ଶିଶୁମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ ଦେବବ୍ରତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ସାମାଜିକ କର୍ମୀଙ୍କ ପରଲୋକ

ବାସୁଦେବପୁର,୧୯।୨(ନାରାୟଣ ପ୍ରସାଦ ବାରିକ୍)-ବାସୁଦେବପୁର ବ୍ଲକ ଅଧୀନ ଚୁଡ଼ାମଣି ଗ୍ରାମର ସାମାଜିକ କର୍ମୀ ଚିନ୍ତାମଣି ଦାସ(୮୮)ଙ୍କ ସୋମବାର ପରଲୋକ ହୋଇଛି। ଗତ କିଛିଦିନ ଧରି ସେ ଅସୁସ୍ଥ ଥିଲେ। ଚୁଡ଼ାମଣି ଅଞ୍ଚଳର ନାନା ଉନ୍ନତୀମୂଳକ କାର୍ଯ୍ୟରେ ସେ ନିଜକୁ ସାମିଲ କରିଥିଲେ। କୋଲକାତାରେ ତାଙ୍କର ରହଣି ସମୟରେ ଓଡ଼ିଆ ସ୍କୁଲ ପ୍ରତିଷ୍ଠା ସହ ସେଠାରେ ଓଡ଼ିଆ ଭାଷା ସାହିତ୍ୟର ସୁରକ୍ଷା ଦିଗରେ କାର୍ଯ୍ୟ କରି ସେ ପ୍ରଶଂସିତ ହୋଇଥିଲେ। ତାଙ୍କ ମରଶରୀରକୁ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଓ ଗ୍ରାମବାସୀ ଶୋଭାଯାତ୍ରାରେ ଗାଁ ପରିକ୍ରମା କରାଇଥିଲେ।

# ଅସ୍ତିତ୍ୱ ହରାଉଛି ସାପକାଟିଆ ମଠ

- ରକ୍ଷଣାବେକ୍ଷଣ ଅଭାବରୁ ଜରାଜୀର୍ଣ୍ଣ ଅବସ୍ଥାରେ
- 'ଆମ ଓଡ଼ିଶା ନବୀନ ଓଡ଼ିଶା' ଯୋଜନାରୁ ବାଦ୍ ପଡ଼ିବାରୁ ତେଜୁଛି ଅସନ୍ତୋଷ

ଧାମନଗର, ୧୯।୨ (ସନ୍ତୋଷ କୁମାର ମହାପାତ୍ର)

ଭଦ୍ରକ ଜିଲା ଧାମନଗର ବ୍ଲକର ଦୋବଲ ପଞ୍ଚାୟତରେ ଥିବା ସାପକାଟିଆ ମଠ ଅସ୍ତିତ୍ୱ ହରାଉଛି। ରାଜା ରାଜୁଡ଼ା ଅମଳରୁ ଚାଲି ଆସିଥିବା ଏହି ମଠ ଜଗନ୍ନାଥ ସଂସ୍କୃତିର ବାର୍ତ୍ତାବହ ଥିଲା। ରକ୍ଷଣାବେକ୍ଷଣ ଅଭାବରୁ ମଠ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ରାଜ୍ୟ ସରକାରଙ୍କ 'ଆମ ଓଡ଼ିଶା ନବୀନ ଓଡ଼ିଶା' ଯୋଜନା ମାଧ୍ୟମରେ କମ୍ୟୁନିଟି ସେଣ୍ଟର, ମନ୍ଦିର, ମଠ ଆଦିର ପୁନରୁଦ୍ଧାର ଓ ଉନ୍ନତୀକରଣ ପାଇଁ ପ୍ରତି ପଞ୍ଚାୟତକୁ ୫୦ ଲକ୍ଷ ଟଙ୍କା ଲେଖାଏ ଅନୁଦାନ ଦିଆଯାଇଛି। ସାପକାଟିଆ ମଠ ଏହି ଯୋଜନାରୁ ବାଦ୍ ପଡ଼ିଛି। ଶତାଧିକ ବର୍ଷ ଧରି ଦେବୋତ୍ତର ବିଭାଗ ଦ୍ୱାରା ପରିଚାଳିତ ଏହି ମଠକୁ ଯୋଜନାରେ ସାମିଲ କରାଯାଇ ନ ଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ତେଜୁଛି।

ଇତିହାସର ମୂକସାକ୍ଷୀ ଗୋହିରାଟିକିରିଠାରୁ ଅଳ୍ପ କିଛି ଦୂରରେ ଦୋବଲ ହାଇସ୍କୁଲ ପାଖରେ ଥିବା ଏହି ମଠ ପ୍ରାୟ ୩୫ ହଜାର ବର୍ଗଫୁଟ ଅଞ୍ଚଳରେ ରହିଛି। ପ୍ରତିବର୍ଷ ଏଠାରେ ଶ୍ରୀମଦ୍ ଭାଗବତ ଜନ୍ମ, ଜନ୍ମାଷ୍ଟମୀ, ବିମଳା ପୂଜା, ଘୋଷଯାତ୍ରା ଆଦି ଆଧ୍ୟାତ୍ମିକ ମହୋତ୍ସବ ପାଳନ କରାଯାଏ। ମଠ ପରିସରରେ ବିଭିନ୍ନ ପ୍ରକାର ଔଷଧୀୟ ବୃକ୍ଷ ଓ ଗୁଳ୍ମ ଲଗାଇ ମହନ୍ତ ବାବା ନନ୍ଦଲାଲ ଏହାଦ୍ୱାରା ଲୋକଙ୍କ ଚିକିତ୍ସା କରୁଥିଲେ। ସ୍ଥାନୀୟ ପୁରୁଖା ଲୋକଙ୍କ କହିବା ଅନୁଯାୟୀ, ଉକ୍ତ ସ୍ଥାନଟି ଜଙ୍ଗଲ ଭଳି ହୋଇଥିବାରୁ ଏଠାରେ ନାନା ପ୍ରଜାତିର ସାପ ରହୁଥିଲା। ବାବା ନନ୍ଦଲାଲ ସାପଗୁଡ଼ିକୁ ନିଜର ସନ୍ତାନ ସନ୍ତତି ଭଳି ପାଳୁଥିଲେ। ଏଣୁ ମଠ ବାଡ଼ିରେ ଚାରିଆଡ଼େ ସାପ କାତି ଦେଖିବାକୁ ମିଳୁଥିଲା। ଧୀରେ ଧୀରେ ଲୋକେ ଏହାକୁ ସାପକାଟିଆ ମଠ କହିଲେ। ବାବାଙ୍କ ଦେହାବସାନ ପରେ ମଠ ଅଞ୍ଚଳରେ ଆଉ ସାପଗୁଡ଼ିକୁ ଦେଖିବାକୁ ମିଳିଲାନି। ସ୍ୱାଧୀନତା ପରେ ଦେବୋତ୍ତର ବିଭାଗ ମଠକୁ ନିଜ ହେପାଜତକୁ ନେଇ ଆଞ୍ଚଳିକ ଟ୍ରଷ୍ଟ ବୋର୍ଡ ମାଧ୍ୟମରେ ତଦାରଖ କରିଥିଲା। ୨୦୧୪ରେ ମଠରେ ଥିବା ପୁରୁଣା ଘର ଭୁଶୁଡ଼ି ପଡ଼ିଥିଲା। ଆଞ୍ଚଳିକ ଟ୍ରଷ୍ଟି ଥିବା ମହେଶ୍ୱର ସାହୁ ନିଜ ଉଦ୍ୟମରେ ମଠ ପରିସରରେ ଗୋଟିଏ ସାଧୁ ନିବାସ ତିଆରି କରିଛନ୍ତି। ଏହାସହ ଗୋଟିଏ ଜଗନ୍ନାଥ ମନ୍ଦିର ମଧ୍ୟ ନିର୍ମାଣ ଆରମ୍ଭ କରିଥିଲେ। ଯାହା ଏବେ ଜରାଜୀର୍ଣ୍ଣ ହୋଇପଡ଼ିଥିବା ବେଳେ ମଠର ସମ୍ପତ୍ତି ବାଡ଼ି ମଧ୍ୟ ହଡ଼ପ ହେବାରେ ଲାଗିଛି। ଏ ସମ୍ପର୍କରେ ସରପଞ୍ଚ ଅଶୋକ ପଣ୍ଡା କହିଛନ୍ତି, ମଠର ପୁନରୁଦ୍ଧାର ପାଇଁ ସ୍ଥାନୀୟ ଲୋକଙ୍କ ଦ୍ୱାରା ବହୁବାର ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଏହି ପ୍ରାଚୀନ ମଠଟି ୩ରୁ ୪ ଏକର ଜମିରେ ଥିବାବେଳେ ପ୍ରାୟ ୧୫ ଏକର ଚାଷ ଜମି ରହିଛି। ଏହାର ରକ୍ଷଣାବେକ୍ଷଣ ଅଭାବରୁ କେତେଜଣ ମୁଷ୍ଟିମେୟ ଲୋକଙ୍କ ଦ୍ୱାରା ଜବରଦଖଲ ହୋଇଛି। ଆଗାମୀ ଦିନରେ ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ନିଆ ନ ଗଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।



## ରାଶନ କାର୍ଡରେ ଯୋଡ଼ାଯାଇନି ପରିବାର ସଦସ୍ୟଙ୍କ ନାଁ

### ଯୋଗାଣ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଆଗରେ ଅନଶନ

ତିହିଡ଼ି,୧୯।୨(ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ସୟା ପଞ୍ଚାୟତ ବାଲିଚତୁରୀ ଗ୍ରାମର ଖାଦ୍ୟ ସୁରକ୍ଷା ଯୋଜନାର ଜଣେ ହିତାଧିକାରୀଙ୍କ ସ୍ୱାମୀ ରାମଚନ୍ଦ୍ର ଦାସ ସୋମବାର ଯୋଗାଣ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଆଗରେ ଅନଶନ କରିଥିଲେ। ବାଦ୍ ପଡ଼ିଥିବା ତାଙ୍କ ପରିବାର ସଦସ୍ୟଙ୍କ ନାଁ ରାଶନ କାର୍ଡରେ ଯୋଡ଼ା ନ ଯିବାରୁ ସେ ଧାରଣା ଦେଇଥିଲେ। ରାଶନ କାର୍ଡରେ ତାଙ୍କ ସ୍ତ୍ରୀଙ୍କ ନାଁ କେବଳ ରହିଛି। ତାଙ୍କ ନାଁ କିମ୍ବା ତାଙ୍କ ୨ ଝିଅଙ୍କ ନାଁ କାର୍ଡରେ ନାହିଁ। ସେ ଜଣେ ଗରିବ ଶ୍ରେଣୀର ଲୋକ ହୋଇଥିବା ବେଳେ ଉକ୍ତ କାର୍ଡରେ ମାସିକ ମିଳୁଥିବା ମାତ୍ର ୫ କିଲୋ ଚାଉଳରେ ପରିବାର ପ୍ରତିପୋଷଣ କରିବା ସମ୍ଭବ ହୋଇପାରୁ ନାହିଁ। ଏନେଇ ସେ ଯୋଗାଣ ନିରୀକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରି ମଧ୍ୟ କୌଣସି ସୁଫଳ ପାଇ ନ ଥିବା ସେ ପ୍ରକାଶ କରିଥିଲେ। ବାଦ୍ ପଡ଼ିଥିବା ନାଁ ରାଶନ କାର୍ଡରେ ଯୋଡ଼ାଯିବା ଦିଗରେ ପଦକ୍ଷେପ ନିଆଯିବ ବୋଲି ଏମ୍‌ଆଇ ଅଜୟ କୁମାର ଦାସ ପ୍ରତିଶ୍ରୁତି ଦେବା ପରେ ସେ ଅନଶନରୁ ଉଠିଥିଲେ।

## ମିଳିତ ଜନ ଅଭିଯୋଗ ଶୁଣାଣି

ବାସୁଦେବପୁର,୧୯।୨ (ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ପ୍ରଶାସନ ପକ୍ଷରୁ ମିଳିତ ଜନ ଅଭିଯୋଗ ଶୁଣାଣି ସୋମବାର ଅନୁଷ୍ଠିତ ହୋଇଯାଇଛି। ମୋଟ ୧୪୪ଟି ଅଭିଯୋଗ ହୋଇଥିଲା। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଏସ୍‌ପି ବରୁଣ ଗୁଣ୍ଟୁପାଲି, ସିଡିଏମ୍‌ଓ ସନ୍ତୋଷ ପାତ୍ର, ବିଡିଓ ସଞ୍ଜୀବ କୁମାର ସାହୁ, ତହସିଲଦାର ସୌଭାଗ୍ୟ ପଣ୍ଡାଙ୍କ ସମେତ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀମାନେ ଏଥିରେ ଯୋଗ ଦେଇଥିଲେ।

## ବିକାଶମୂଳକ କାର୍ଯ୍ୟ ପୁସ୍ତକ ବାଣ୍ଟିଲେ

ବନ୍ତ,୧୯।୨(ହରିନାରାୟଣ ମହାନ୍ତି)

ବନ୍ତ ବ୍ଲକର ପଧାନପଡ଼ା ଓ ନିଲୋକଠାରେ 'ଆମ ଓଡ଼ିଶା ନବୀନ ଓଡ଼ିଶା'ର ପଞ୍ଚାୟତସ୍ତରୀୟ ସଚେତନତା ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ପଧାନପଡ଼ାଠାରେ ଯୁବନେତା ସମୀମ ନୱାଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା ଯୋଗଦେଇ ସାଧାରଣ ଲୋକଙ୍କ ପାଇଁ ରାଜ୍ୟ ସରକାର ବହୁ ଯୋଜନା କରିଛନ୍ତି ବୋଲି କହିଥିଲେ। ବ୍ଲକ ବିଜେଡି ସଭାପତି ଲକ୍ଷ୍ମୀକାନ୍ତ ମହାନ୍ତି, ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ବ୍ଲକ ଉପାଧ୍ୟକ୍ଷା ପ୍ରଗତିବାଳା ସ୍ୱାଇଁ, ଜିଲା ପରିଷଦ ସଭ୍ୟା ମୁନି ମୁଣ୍ଡା, ବରିଷ୍ଠ ନେତା ସେକ୍ ଜଲାଲଉଦ୍ଦିନ, ସରପଞ୍ଚ ଗଜେନ୍ଦ୍ର ସେଠୀ, ସମିତିସଭ୍ୟା ପ୍ରତିନିଧି ଦୁଲ୍ଲା ଖାଁ, ସମିତିସଭ୍ୟ ପରମେଶ୍ୱର ବାରିକ, ବ୍ଲକ ଯୁବ ବିଜେଡି ସଭାପତି ସତ୍ୟସାଧନ ବେଜ ଓ ବ୍ଲକ ଛାତ୍ର ବିଜେଡି ସଭାପତି ପ୍ରଣବ କିଶୋର ଲେଙ୍କା ଯୋଗ ଦେଇଥିଲେ। ଏହି ଅବସରରେ ବହୁ ପ୍ରତିଭାଧାରୀ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ବିକାଶମୂଳକ କାର୍ଯ୍ୟ ପୁସ୍ତକ ବଣ୍ଟନ କରାଯାଇଥିଲା। ପିଇଓ ଗଣେଶ ପ୍ରସାଦ ନାୟକ, କନିଷ୍ଠ ଯନ୍ତ୍ରୀ ବିନୋଦିନୀ ଜେନା, ଜିଆର୍‌ଏସ୍ ସରୋଜ ସାମଲ, ଦେବଦତ୍ତ ରାମ, ଅସଗର ଅଲ୍ଲୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ନିଲୋକ ପଞ୍ଚାୟତରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ।

## ବିଦ୍ୟାଳୟରେ ଆମ ସଂସ୍କୃତି, ଆମ ଖେଳନା କର୍ମଶାଳା

ଭଦ୍ରକ, ୧୯।୨ (ରବିନାରାୟଣ ଖିଲାର)-ଭଦ୍ରକ ବ୍ଲକର ତୁନିଟି ସାଧନକେନ୍ଦ୍ର ଅଧୀନ ହମିରବିନ୍ଧା ସରକାରୀ ବିଦ୍ୟାଳୟରେ ଆମ ସଂସ୍କୃତି ଓ ଆମ ଖେଳନା କର୍ମଶାଳା ସୋମବାର ଆରମ୍ଭ ହୋଇଛି। ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ମୁଖ୍ୟଅତିଥି, ସିଆର୍‌ସିସି ଗଣେଶ ଚନ୍ଦ୍ର ପଣ୍ଡା ଏବଂ ଇଂ. ଅଭୟ ସୂତାର ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ବିଭିନ୍ନ ବିଦ୍ୟାଳୟରୁ ୩୦ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଶିକ୍ଷଣୀୟ ସାମଗ୍ରୀ ପ୍ରସ୍ତୁତ କରିଥିଲେ। ଭାଷା ଓ ଗଣିତ ସହ ସମ୍ପର୍କିତ ମାଟି, ତାଳପତ୍ର, କଣ୍ଢେଇ, ଶଗଡ଼ ଗାଡ଼ି ଓ ବିଭିନ୍ନ ରଙ୍ଗ ବେରଙ୍ଗର ସାମଗ୍ରୀ ତିଆରି କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ଜାନକୀ ପାଢ଼ୀ, ଶିକ୍ଷାବିତ୍ ମୁରଲୀଧର ନାୟକ, ଶିକ୍ଷୟିତ୍ରୀ ରୀନତି ମିଶ୍ର, ଶିକ୍ଷକ ସେକ୍ ଇମ୍ରାନ ଖାଁ ପ୍ରମୁଖ ପରିଚାଳନା କରିଥିଲେ। ଦୁଇଦିନ ଧରି କର୍ମଶାଳା ଚାଲିବ।

## ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

ଚାନ୍ଦବାଲି(କିଷାନ ପାତ୍ର)/ ଧାମନଗର(ଦେବେନ୍ଦ୍ର ଆନ୍ଦିଆ)/ ତିହିଡ଼ି (ସଞ୍ଜିତ ବଳ), ୧୯।୨

ଭଦ୍ରକ ଜିଲାର ଚାନ୍ଦବାଲି, ଧାମନଗର ଓ ତିହିଡ଼ି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ୬ ଦଫା ଦାବି ନେଇ ରାଜସ୍ୱ ନିରୀକ୍ଷକମାନେ ସୋମବାରଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ସରକାର ସେମାନଙ୍କ ଦାବି ପୂରଣ ପୂରଣ ନ କରିବା ପର୍ଯ୍ୟନ୍ତ ତହସିଲରେ କାର୍ଯ୍ୟରତ ସମସ୍ତ ଆର୍‌ଏସ୍, ଆର୍‌ଆଇ ଏବଂ ଏଆର୍‌ଆଇ ସମୂହ କାର୍ଯ୍ୟ ବନ୍ଦ କରି ଧାରଣାରେ ବସିବେ ବୋଲି ଚାନ୍ଦବାଲି ଆର୍‌ଆଇ ସଂଘ ସଭାପତି ନିହାର ଦାସ ଚେତାବନୀ ଦେଇଛନ୍ତି। ଦେବାଶିଷ ରାୟ, ଶୁଭଶ୍ରୀ ନାୟକ, ଦିବ୍ୟାରାଣୀ ଦାସ, ତୁଷାର ମହାପାତ୍ର, ଚନ୍ଦନ ମୁଣ୍ଡା, ସ୍ମିତାରାଣୀ ସାହୁ ପ୍ରମୁଖ ଧାରଣାରେ ସାମିଲ ଥିଲେ।


ଚାନ୍ଦବାଲି ତହସିଲ ଅଫିସ୍ ସମ୍ମୁଖରେ ଅଧିକାରୀମାନେ ଧାରଣାରେ ବସିଛନ୍ତି।

ଧାମନଗର ତହସିଲ ସମ୍ମୁଖରେ ରାଜସ୍ୱ ନିରୀକ୍ଷକ, ସୁପରଭାଇଜର ଓ ସହ ରାଜସ୍ୱ ନିରୀକ୍ଷକମାନେ ଆନ୍ଦୋଳନ କରିଛନ୍ତି। ତହସିଲ ସୁପରଭାଇଜର ଧନେଶ୍ୱର ମାରାଣ୍ଡି, ରାଜସ୍ୱ ନିରୀକ୍ଷକ ବିକାଶ ଦାସ, ବୁଲବଲ ସିଂ, ସୁଜାତା ଦାସ, ଏଆର୍‌ଆଇ କମଳାକାନ୍ତ ବେହେରା, ପ୍ରଭାଂଶୁ ନାୟକ, ଭାଗୀରଥି ଜେନା ପ୍ରମୁଖ ସାମିଲ ହୋଇଛନ୍ତି। ତିହିଡ଼ି ତହସିଲ ଅଧୀନରେ କାର୍ଯ୍ୟରତ ଆର୍‌ଆଇମାନେ ଧାରଣା ଦେଇଛନ୍ତି। ଜିଲା ସଂଘ ସମ୍ପାଦକ ଗିରିଶ ଚନ୍ଦ୍ର ନାୟକ, ବ୍ଲକ ସଂଘ ସଭାପତି ମୀନକେତନ ଦାସ, ସମ୍ପାଦକ ଗୋଲକ ମୁର୍ମୁ, ମହେଶ୍ୱର ରଣା, ସୌମ୍ୟରଞ୍ଜନ ସାମନ୍ତ, ଭାଗବତ ଖଟୁଆ, ବିଜୟ ବେହେରା ପ୍ରମୁଖ ସାମିଲ ଥିଲେ।

## ଆର୍ଥିକ ବୋଝ ସହି ନ ପାରି ଶ୍ରମିକଙ୍କ ଆତ୍ମହତ୍ୟା

ଭୋଗରାଇ,(ପ୍ରଦୀପ ଦାସ)-ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଦେହୁର୍ଦ୍ଦା ଗ୍ରାମର ଦାଦନ ଶ୍ରମିକ ଷଷ୍ଠୀଧର ଖଟୁଆ (୨୮) ପାରିବାରିକ ଆର୍ଥିକ ବୋଝ ସହି ନ ପାରି ରବିବାର ରାତିରେ କୀଟନାଶକ ଔଷଧ ଖାଇ ଜୀବନ ହାରିଛନ୍ତି। ଭୋଗରାଇ ଥାନା ପୋଲିସ ଏହି ଘଟଣାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପ୍ରାଥମିକ ତଦନ୍ତ କରୁଛି।

### ସଂକ୍ଷେପରେ

## ଦୋଷୀଙ୍କୁ ଏକ ବର୍ଷ ଜେଲ

### ନାବାଳିକାଙ୍କୁ ଅସଦାଚରଣ ମାମଲା

କେନ୍ଦୁଝର(ଦୀପକ ମିଶ୍ର/ନରେଶ ଚନ୍ଦ୍ର ପଟ୍ଟନାୟକ),୧୯।୨: କେନ୍ଦୁଝର ଜିଲା ଫାଷ୍ଟଟ୍ରାକ୍ କୋର୍ଟରେ ନାବାଳିକା ଅସଦାଚରଣ ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ବିଜୟ କୁମାର ମିଶ୍ର ତୁରୁମୁଙ୍ଗା ଥାନା ଅଧୀନ କଣ୍ଟିଆପଡ଼ା ଗ୍ରାମର ଯୋଗେଶ୍ୱର ନାଏକ(୨୧)ଙ୍କୁ ଦୋଷୀ ସାବସ୍ତ୍ୟ କରି ୧ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ୨ ହଜାର ଟଙ୍କା ଜରିମାନା ଓ ଅନାଦାୟେ ଅଧିକ ୨ ମାସ କାରା ଦଣ୍ଡାଦେଶ ନିର୍ଦ୍ଦେଶ ଦେଇଛନ୍ତି। ମାମଲା ବିବରଣୀ ଅନୁଯାୟୀ, ଅଭିଯୁକ୍ତ ୨୨ ମାର୍ଚ୍ଚ ୨୦୧୬ ରିଖ ସନ୍ଧ୍ୟା ସମୟରେ ନାବାଳିକାଙ୍କୁ ମିକ୍ସର ଦେବା ବାହାନାରେ ନିର୍ଜନ ସ୍ଥାନକୁ ନେଇ ଅଶ୍ଳୀଳ କାମ ପାଇଁ ଉଦ୍ୟମ କରୁଥିଲେ। ନାବାଳିକା ଖସି ଆସି ଘର ଲୋକଙ୍କୁ ଜଣାଇଥିଲେ। ନାବାଳିକାଙ୍କ ମାଆ ତୁରୁମୁଙ୍ଗା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା(ନଂ. ୨୮/୨୦୧୬) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲା। ସାକ୍ଷୀମାନଙ୍କ ବୟାନକୁ ଭିତ୍ତି କରି ଜଜ୍ ଉପରୋକ୍ତ ଦଣ୍ଡ ଶୁଣାଇଥିବା ସ୍ୱତନ୍ତ୍ର ପିପି ଜ୍ଞାନେନ୍ଦ୍ର ନାଥ ଜେନା ସୂଚନା ଦେଇଛନ୍ତି।

## ପିକ୍‌ଅପ୍ ଭ୍ୟାନ୍ ଧକ୍କାରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ

ରାଇରଙ୍ଗପୁର,୧୯।୨(ମାନସ ମହାନ୍ତି): ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଟାଉନ ଥାନା ଅଧୀନ ଗଡ଼ ବସ୍ତି ନିକଟସ୍ଥ ୨୨୦ନଂ. ଜାତୀୟ ରାଜପଥରେ ରବିବାର ରାତିରେ ଏକ ପିକ୍‌ଅପ୍ ଭ୍ୟାନ୍ ଧକ୍କାରେ ୨ ବାଇକ୍ ଅରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ହେଲେ ଗଡ଼ ବସ୍ତିର ହରିଶ ଚନ୍ଦ୍ର ବେହେରା ଓ ଲିପିଘୁଟୁ ଗ୍ରାମର କାରୁ ମାଝି। ଖବରପାଇ ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି। ଏନେଇ ଥାନାରେ ଏକ ମାମଲା(ନଂ.୫୯/୨୪) ରୁଜୁ ହୋଇଛି।

## ସରକାରୀ ମଦ ଦୋକାନରୁ ଚୋରି

### ୪.୨ ଲକ୍ଷ ଟଙ୍କା ସହ ମଦ ନେଇଗଲେ

ବାସୁଦେବପୁର,୧୯।୨ (ନାରାୟଣ ପ୍ରସାଦ ବାରିକ୍)-ଭଦ୍ରକ ଜିଲା ବାସୁଦେବପୁର ସହର ମଧ୍ୟରେ ଥିବା କୋ ଅପରେଟିଭ ବ୍ୟାଙ୍କ ସାମ୍ନା ରାସ୍ତାପାର୍ଶ୍ୱରେ ଥିବା ଏକ ସରକାରୀ ଲାଇସେନ୍ସପ୍ରାପ୍ତ ମଦ ଦୋକାନରୁ ରବିବାର ରାତିରେ ଚୋରି ହୋଇଛି। ଚୋରମାନେ ଦୋକାନ ଭାଙ୍ଗି ସିସିଟିଭି ହାର୍ଡଡିକ୍ସ ସହ ନଗଦ ୪.୨ ଲକ୍ଷ ଟଙ୍କା ଚୋରି କରି ନେଇଛନ୍ତି। ଦୋକାନରେ ମହଜୁଦ ଥିବା ୩ ଲକ୍ଷରୁ ଉର୍ଦ୍ଧ୍ୱ ଦାମୀ ମଦ ମଧ ଚୋରି ହୋଇଥିବା ଦୋକାନୀ ଶଶୀଭୂଷଣ ବାରିକ ବାସୁଦେବପୁର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ପ୍ରାଥମିକ ତଦନ୍ତ ଆରମ୍ଭ କରିଛି। ଦୋକାନରେ ଲାଗିଥିବା ସିସିଟିଭି କ୍ୟାମେରାକୁ ଚୋରମାନେ ଚୋରି କରି ନେଇଥିବାରୁ ଏହା ପେସାଦାର ଅପରାଧୀଙ୍କ କାମ ବୋଲି ସନ୍ଦେହ କରାଯାଉଛି।

# ଶ୍ରେଣୀ ଗୃହରେ ତାଲା ପକାଇଲେ ଅଭିଭାବକ

**ଦୁଆଘାଟ ସରକାରୀ ପ୍ରାଥମିକ ବିଦ୍ୟାଳୟ**

- ବିଳମ୍ବରେ ଶିକ୍ଷକ ଆସୁଥିବା ଅଭିଯୋଗ
- ଶିକ୍ଷକଙ୍କ ଦରମା ବନ୍ଦ କଲେ ବିଇଓ

ପାଟଣା,୧୯।୨(ବୀର କିଶୋର ଦାଶ):

କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ୍ ଖଜିରା ପାଟ ପଞ୍ଚାୟତ ଦୁଆଘାଟ ସରକାରୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଡମ୍ବରୁଧର ପାତ୍ର ବିଳମ୍ବରେ ସ୍କୁଲ ଆସୁଥିବା ଅଭିଯୋଗ ହୋଇଛି। ଏଥିସହ ମଦ୍ୟପାନ କରି ସ୍କୁଲକୁ ଆସୁଥିବା ଅଭିଯୋଗ କରି ଅଭିଭାବକମାନେ ସୋମବାର ବିଦ୍ୟାଳୟର ଶ୍ରେଣୀଗୃହରେ ଅଭିଭାବକମାନେ ତାଲାପକାଇ ପ୍ରତିବାଦ କରିଛନ୍ତି। ଫଳରେ ଘଟଣା ସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା।

ଅଭିଯୋଗ ଅନୁଯାୟୀ, ସହକାରୀ ଶିକ୍ଷକ ଡମ୍ବରୁଧର ପାତ୍ର ପ୍ରତ୍ୟେକ ଦିନ ବିଦ୍ୟାଳୟକୁ ବିଳମ୍ବରେ ଆସନ୍ତି। ଏଥିସହ ମଦ୍ୟପାନ କରି ଆସୁଥିବା ବେଳେ ଅନେକ ସମୟରେ ଅଣ ଶିକ୍ଷକ ପ୍ରବେଶ କରି ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଉଛନ୍ତି। ଏ ନେଇ ପୂର୍ବରୁ ଅଭିଭାବକ ଅଭିଯୋଗ କରିଥିଲେ ହେଁ କୌଣସି ସମାଧାନ ନ



ବିଦ୍ୟାଳୟ ପରିସରରେ ଅଭିଭାବକମାନେ ଶିକ୍ଷକଙ୍କୁ ଅଟକ ରଖିଛନ୍ତି।

ହେବାରୁ ସୋମବାର ଅଭିଭାବକମାନେ ବିଦ୍ୟାଳୟର ଶ୍ରେଣୀ ଗୃହରେ ତାଲାପକାଇ ପ୍ରତିବାଦ କରିଥିବା କହିଛନ୍ତି। ଖବର ପାଇ ସିଆର୍‌ସିସି ବଳଭଦ୍ର ମହାନ୍ତ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ ହେଁ ସହକାରୀ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି ଦାବିରେ ଅଭିଭାବକ ପୋଲିତା ଭୂଇଁୟା, ସୁଷମା ବାରିକଙ୍କ ନେତୃତ୍ୱରେ ୫୦ରୁ ଉର୍ଦ୍ଧ୍ୱ ଅଭିଭାବକ ଜିଦ୍‌ରେ ଅଟଳ ରହିଥିଲେ। ବିଦ୍ୟାଳୟରେ ତାଲା ପଡ଼ିଥିବାରୁ ଶିକ୍ଷାଦାନ ଦିନ ୧୨ଟା ପର୍ଯ୍ୟନ୍ତ ବନ୍ଦ ରହିଥିଲା। ସିଆର୍‌ସିସି ବୁଝାଶୁଝା କରିବା ପରେ ପାଠ ପଢ଼ା ସ୍ୱାଭାବିକ ହୋଇଥିଲା। ସାହରପଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀ ଉତ୍ତମ ନାୟକ କହିଛନ୍ତି, ସମ୍ପୃକ୍ତ ଶିକ୍ଷକଙ୍କ ଦରମା ବନ୍ଦ କରାଯିବା ସହ ପ୍ରଧାନଶିକ୍ଷକ ଅନୁକୂଳ ଚନ୍ଦ୍ର ବେହେରାଙ୍କୁ କାରଣ ଦର୍ଶାଅ ନୋଟିସ୍ ହୋଇଛି। ଏ ନେଇ ସହକାରୀ ଶିକ୍ଷକ ଡମ୍ବରୁଧର କହିଛନ୍ତି, ସ୍ୱାସ୍ଥ୍ୟଗତ କାରଣରୁ ସେ ବିଦ୍ୟାଳୟକୁ ବିଳମ୍ବରେ ଆସୁଛନ୍ତି। ତେବେ ମଦ୍ୟପାନ କରିଥିବା ଅଭିଯୋଗକୁ ଅସ୍ୱୀକାର କରିଥିଲେ।

# ଏସ୍‌ପି ଅଫିସ ଆଗରେ ଧାରଣା



ମୃତ ଅଜୟ କୁମାର ସ୍ୱାଇଁ(ଫାଇଲ୍ ଫଟୋ) ଓ ଏସ୍‌ପି ଅଫିସ ସମ୍ମୁଖରେ ପରିବାର ଲୋକଙ୍କ ଧାରଣା।

**ବିଟ୍ସ କଲେଜରେ ଯୁବକଙ୍କ ମୃତଦେହ ମିଳିବା ଘଟଣା**

ବାଲେଶ୍ୱର,୧୯।୨(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ପୋଲିସର ଅଜବ ନୀତି ନେଇ ବଢ଼ୁଛି ଲୋକଙ୍କ ସମସ୍ୟା। ଘଟଣା କିମ୍ବା ଦୁର୍ଘଟଣାରେ ମାମଲା ରୁଜୁ କରି ତଦନ୍ତ କରିବା ବଦଳରେ ସମାଧାନ କରି ମାମଲାକୁ ରଫାଦଫା କରିବା ଉପରେ ପୋଲିସ ଗୁରୁତ୍ୱ ଦେଉଥିବା ଅଭିଯୋଗ ହେଉଛି। ଏକ ଘରୋଇ ଟେକ୍ନିକାଲ କଲେଜରେ ଯୁବକଙ୍କ ମୃତଦେହ ପଡ଼ିଥିବା ଦେଖି ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ଉକ୍ତ ଘଟଣାକୁ ରଫାଦଫା କରିବା ପାଇଁ ସ୍ଥାନୀୟ ଭଦ୍ର ଲୋକ, କଲେଜ କର୍ତ୍ତୃପକ୍ଷ ଏବଂ ମୃତକଙ୍କ ପରିବାର ଲୋକଙ୍କୁ ବସାଇ ଘଟଣାକୁ ଚପାଇ ଦେବା ପାଇଁ ଥାନା ପରିସରରେ ଆଲୋଚନା ହୋଇଥିଲା। ପୋଲିସ ୧୦ଲକ୍ଷ ଟଙ୍କା ଯାଚିଥିବା ମୃତକଙ୍କ ବାପା ଅଭିଯୋଗ କରିଛନ୍ତି।

ବାଲେଶ୍ୱର ଜିଲା ରେମୁଣା ବ୍ଲକ ଶିଳ୍ପାଞ୍ଚଳ ଥାନା ସୋମନାଥପୁର ଅଞ୍ଚଳରେ ଥିବା ବାଲେଶ୍ୱର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ ଷ୍ଟଡିଜ୍ (ବିଟ୍ସ) କଲେଜ ପରିସରରେ ଗତ ୧୫ତାରିଖ ମଧ୍ୟରାତ୍ରରେ ବୈଷ୍ଣବବାଡ଼ ଅଞ୍ଚଳର ଅଜୟ କୁମାର ସ୍ୱାଇଁ(୩୫)ଙ୍କ ରକ୍ତଜୁଡୁବୁଡୁ ମୃତଦେହ ମିଳିଥିଲା। ଏ ନେଇ ଶିଳ୍ପାଞ୍ଚଳ ଥାନାରେ ପରିବାର ପକ୍ଷରୁ ଅଭିଯୋଗ ହୋଇଥିଲେ ମଧ୍ୟ ପୋଲିସ ମାମଲା ରୁଜୁ ନ କରି ସମାଧାନ ପାଇଁ ମଧ୍ୟସ୍ଥି କରିବା ଘଟଣାକୁ ବିରୋଧ କରି ସୋମବାର ପରିବାର ଲୋକେ ଏସ୍‌ପିଙ୍କ ଅଫିସ୍ ସମ୍ମୁଖରେ ଧାରଣା ଦେଇଥିଲେ। ଅତିରିକ୍ତ ଏସ୍‌ପି ପ୍ରଦୀପ କୁମାର ଦଳାଇ ସେମାନଙ୍କ ଅଭିଯୋଗ ଗ୍ରହଣ କରି ନ୍ୟାୟ ପ୍ରଦାନ କରାଯିବାର ପ୍ରତିଶ୍ରୁତି ଦେବା ପରେ ସେମାନେ ଧାରଣାରୁ ଓହରିଥିଲେ। ଏହାପରେ ଶିଳ୍ପାଞ୍ଚଳ ଥାନା ଅଧିକାରୀ ଶ୍ୟାମଘନ ବେହେରା ଏକ ମାମଲା (ନଂ.୪/୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

୧୫ ତାରିଖ ସନ୍ଧ୍ୟାରେ ଅଜୟ ଘରୁ ବାହାରି ଆସି ରାତି ୧୦ଟାରେ ବିଟ୍ସ କଲେଜ ପରିସରରେ ହେଉଥିବା ଅଷ୍ଟପ୍ରହରୀ ଦେଖିବା ପାଇଁ ଯାଇଥିଲେ। ରାତି ସାଢେ ଗୋଟାଏରେ ଅଜୟ ରକ୍ତ ଜୁଡୁବୁଡୁ ଅବସ୍ଥାରେ କଲେଜ କ୍ୟାମ୍ପସରେ ପଡ଼ିରହିଥିବା ପରିବାର ଲୋକେ ଖବର ପାଇଥିଲେ। ପରେ ପରିବାର ଲୋକ ଓ ଗ୍ରାମବାସୀ କଲେଜ ସମ୍ମୁଖରେ ମୃତଦେହ ରଖି ହୋ-ହଲ୍ଲା କରିଥିଲେ ଏବଂ ମୃତ୍ୟୁ ପାଇଁ କଲେଜ କର୍ତ୍ତୃପକ୍ଷଙ୍କୁ ଦାୟୀ କରିଥିଲେ। ତାଙ୍କ ପୁଅଙ୍କୁ ହତ୍ୟା କରାଯାଇଥିବା ନେଇ ଅଜୟଙ୍କ ବାପା ରବୀନ୍ଦ୍ର ନାଥ ଥାନାରେ ଅଭିଯୋଗ କରିଥିଲେ। ଏନେଇ ଶିଳ୍ପାଞ୍ଚଳ ଥାନା ଅଧିକାରୀ ଶ୍ୟାମଘନ ଦଳେଇ କହିଛନ୍ତି, ଘଟଣା ଘଟିବା ପରେ ବହୁ ଲୋକ କଲେଜ ପରିସରରେ ପହଞ୍ଚି ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି କରିଥିଲେ। ସେମାନଙ୍କୁ ବୁଝାଶୁଝା କରି ଥାନାକୁ ଡକାଯାଇଥିଲା। ଲିଖିତ ଅଭିଯୋଗ ଦେଇଥିଲେ। ଏନେଇ ଏକ ମାମଲା ରୁଜୁ କରାଯାଇଛି। ଥାନା ପକ୍ଷରୁ କିମ୍ବା ମୁଁ କୌଣସି ଅର୍ଥ ଯାଚିନାହିଁ। ଶବ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରାଯାଇଛି। ଏହାର ଉଚିତ୍ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ବରପଦା ଇଞ୍ଜିନିୟରିଂ କଲେଜ ଆଗରେ ଆନ୍ଦୋଳନ





ପୋଲିସ ସହ ଆନ୍ଦୋଳନକାରୀଙ୍କ ଯୁକ୍ତିତର୍କ।

- ଛଟେଇ କର୍ମଚାରୀଙ୍କୁ ନିଯୁକ୍ତି ଦାବି
- ଅଧ୍ୟକ୍ଷଙ୍କ ଗାଡ଼ି ଆଗରେ ବସି ରହିଲେ ଆନ୍ଦୋଳନକାରୀ

ଭଦ୍ରକ,୧୯।୨(ସନାତନ ରାଉତ)

ଭଦ୍ରକ ବରପଦା ଇଞ୍ଜିନିୟରିଂ କଲେଜ ଫାଟକ ଆଗରେ ସୋମବାର ବରପଦା ବିକାଶ ମଞ୍ଚ ପକ୍ଷରୁ ଧାରଣା ଦିଆଯାଇଛି। ଛଟେଇ କର୍ମଚାରୀମାନେ ଆନ୍ଦୋଳନ କରିବା ସହ କାର୍ଯ୍ୟରତ କର୍ମଚାରୀ ଓ ଅଧ୍ୟକ୍ଷଙ୍କୁ କଲେଜ ଭିତରକୁ ଛାଡ଼ି ନ ଥିଲେ। ଆନ୍ଦୋଳନକାରୀମାନେ ଅଧ୍ୟକ୍ଷଙ୍କ ଗାଡ଼ି ଆଗରେ ବସି ରହିବାରୁ ବାଧହୋଇ ସେ ଫେରି ଯାଇଥିଲେ। ଏହାକୁ ନେଇ କିଛି ସମୟ ଧରି ଉତ୍ତେଜନା ପ୍ରକାଶ ପାଇଥିଲା। ସେଠାରେ ଉପସ୍ଥିତ ଭଦ୍ରକ ଗ୍ରାମାଞ୍ଚଳ ଥାନାଧିକାରୀଙ୍କ ସହ ଆନ୍ଦୋଳନକାରୀଙ୍କର ଯୁକ୍ତିତର୍କ ମଧ୍ୟ ହୋଇଥିଲା।

ବିନା ଦୋଷରେ କାର୍ଯ୍ୟରୁ ବଞ୍ଚିତ ୨୬ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ତୁରନ୍ତ ନିଯୁକ୍ତି, ପରିଚାଳନା କମିଟିରୁ ବିନା ଦୋଷରେ ନିଲମ୍ବିତ ହୋଇଥିବା କର୍ମଚାରୀମାନଙ୍କୁ ପୁନଃ ନିଯୁକ୍ତି, ସାମଲ ପରିବାରକୁ ପରିଚାଳନା କମିଟିରୁ ବହିଷ୍କୃତ, ଦୁର୍ନୀତିରେ ସମ୍ପୃକ୍ତ ଅସାଧୁ କର୍ମଚାରୀଙ୍କୁ ଗିରଫ ଆଦି ଦାବିରେ ସକାଳ ୯ଟାରୁ ଧାରଣା ଦିଆଯାଇଥିଲା। ଗ୍ରାମାଞ୍ଚଳ ଥାନାଧିକାରୀ ଅମିତାଭ ଦାଶ ଉପସ୍ଥିତ ଥିବା ସହ ଫୋର୍ସ ମୁତୟନ ରହିଥିଲେ। ପ୍ରତିବାଦ ସଭାରେ ପୂର୍ବତନ ବିଧାୟକ ତଥା କଂଗ୍ରେସ ନେତା ପଞ୍ଚାନନ ମଣ୍ଡଳ, ଭାଜପା ନେତା ଡ. ସୁଧାଂଶୁ ଶେଖର ନାୟକ, କେନ୍ଦୁଆପଦା ସରପଞ୍ଚ ଇଂ. ପ୍ରମୋଦ ଜେନା, କୃଷକ ନେତା ତ୍ରିଲୋଚନ ପଣ୍ଡା, କଲେଜର ଅବସରପ୍ରାପ୍ତ କର୍ମଚାରୀ ଶ୍ରୀଧର ନାୟକ, ସାମାଜିକ କର୍ମୀ ଅଜୟ ପଣ୍ଡା, ଯୁଧିଷ୍ଠିର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। କର୍ମଚାରୀମାନଙ୍କୁ ବକେୟା ଦରମା ପ୍ରଦାନ ସହ ଇଡି ସମସ୍ତ ଦୁର୍ନୀତିର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ କହିଥିଲେ। କର୍ମଚାରୀ ବିଜୟ ରାଉତ ଇଡି ତଦନ୍ତ ପାଇଁ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଥିଲେ। ଜୟୀରାମ ବିଶ୍ୱାଳ, ଉମାକାନ୍ତ ବେହେରା, ହରିହର ଜେନା ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

## ବେତନଟୀ ବ୍ଲକରେ ୨୨୩୬ ମାଟ୍ରିକ ପରୀକ୍ଷାର୍ଥୀ

ବୈଶିଙ୍ଗା,୧୯।୨(ରତନ ଦାଶ): ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକ ଅଧୀନ ୧୧ଟି କେନ୍ଦ୍ରରେ ମୋଟ ୨୨୩୬ ଜଣ ପରୀକ୍ଷାର୍ଥୀ ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଦେବେ। ବୈଶିଙ୍ଗା ମୁନିଲାଲ ହାଇସ୍କୁଲରେ ୨୪୭, ଅଁଳା ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୫୦, ଗଡ଼ଦେଉଳିଆ ପଞ୍ଚାୟତ ହାଇସ୍କୁଲରେ ୧୭୬, ଜନତା ହାଇସ୍କୁଲରେ ୨୩୮, ଖୁଣ୍ଟାପୁର ସତ୍ୟସାଇ ଉଚ୍ଚ ବିଦ୍ୟାଳୟରେ ୨୦୧, ପାଟକିପୁରା ଉଚ୍ଚ ବିଦ୍ୟାଳୟରେ ୧୮୮, ଏମ୍‌ପିସି ହାଇସ୍କୁଲରେ ୨୫୦, ଶାଳବଣି ଏସ୍‌ଏସ୍‌ଡି ବାଳିକା ଉଚ୍ଚବିଦ୍ୟାଳୟରେ ୧୯୬ , ବେତନଟୀ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟରେ ୧୮୨, ଛଚିନାପଦା ଉଚ୍ଚ ବିଦ୍ୟାଳୟରେ ୧୬୭, ବ୍ରହ୍ମପୁର ଉଚ୍ଚ ବିଦ୍ୟାଳୟରେ ୧୦୪ ଓ ସଂସ୍କୃତ ଟୋଲରେ ୧୨୭ ଏହିପରି ମୋଟ ୨୨୩୬ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବେ ବୋଲି ସୂଚନା ମିଳିଛି। ସୁରକ୍ଷା ଦାୟିତ୍ୱରେ ଥିବା ପୋଲିସ କର୍ମଚାରୀଙ୍କୁ ମଧ୍ୟ ମୋବାଇଲ ନେଇ ପରୀକ୍ଷା କେନ୍ଦ୍ରକୁ ପ୍ରବେଶ କରିବାକୁ ବାରଣ କରାଯାଇଛି। ସକାଳ ୯ଟାଠାରୁ ଆରମ୍ଭ ହୋଇ ପୂର୍ବାହ୍ନ ୧୧ଟା୩୦ ପର୍ଯ୍ୟନ୍ତ ପରୀକ୍ଷା ଦେବାକୁ ଥିବାବେଳେ ୭.୩୦ ସୁଦ୍ଧା ପରୀକ୍ଷା ହଲ୍ ମଧ୍ୟକୁ ପରୀକ୍ଷାର୍ଥୀ ପ୍ରବେଶ କରିବେ ବୋଲି ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ଛାତ୍ରୀଛାତ୍ର ଓ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

# ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ



ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ବିଧାୟକ ରାଜକିଶୋର ଦାସ ଓ ଅନ୍ୟମାନେ।

ମୋରଡ଼ା,୧୯।୨(ସ୍ମାରକ ମାଝୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକରେ ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ବିଧାୟକ ରାଜକିଶୋର ଦାସଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଗଡ଼ିଆ ପଞ୍ଚାୟତର ଖଳାପଦାରୁ କଙ୍କଡାତେଲିଆ ରାସ୍ତାର ନାଳ ଉପରେ ବିଜୁ ସେତୁର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଉକ୍ତ ସେତୁ ପାଇଁ ଅଟକଳ ମୂଲ୍ୟ ୫ କୋଟି ୨୪ ଲକ୍ଷ ୩୪ ହଜାର ରହିଛି। ପରେ ପରେ ବିଧାୟକ ଆମ୍ବଯୋଡି ରାସ୍ତାର ନାଳ ଉପରେ ସେତୁ ନିର୍ମାଣ, କୁକୁଡ଼ାଯୋଡି ରାସ୍ତାର ନାଳ ଉପରେ ସେତୁ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ବିଧାୟକଙ୍କ ସହିତ ବ୍ଲକ ଅଧ୍ୟକ୍ଷ ପୀଥନାଥ ସୋରେନ, ଜିଲାପରିଷଦ ସଭ୍ୟ ଅଭିରାମ ଭୋଇ ଏବଂ ସଭ୍ୟା ଝରଣା ମୁର୍ମୁ, ଗ୍ରାମ୍ୟ ଉନ୍ନୟନ ବିଭାଗର ଏସ୍‌ଡିଓ ପ୍ରମୋଦ କୁମାର ଜେନା ଏବଂ କନିଷ୍ଠ ଯନ୍ତ୍ରୀ କୃଷ୍ଣପଦ ମହାନ୍ତି ଉପସ୍ଥିତ ଥିଲେ। ତେବେ ଉକ୍ତ ସେତୁ ନିର୍ମାଣ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ହେବାକୁ ଥିବା ବେଳେ ଭିତ୍ତି ପ୍ରସ୍ତରରେ ଗଡିଆ ପଂଚାୟତ ବଦଳରେ ଖଳାପଦା ପଞ୍ଚାୟତ ଲେଖାଯାଇଥିଲା। ଏହା ବ୍ୟତୀତ ସ୍ଥାନୀୟ ସରପଞ୍ଚ ଏବଂ ସମିତି ସଭ୍ୟ ଅନୁପସ୍ଥିତ ଥିବା ଦେଖିବାକୁ ମିଳିଥିଲା।

# ୨୪ରେ ଧାମନଗର ଆସିବେ ୫-ଟି ଅଧ୍ୟକ୍ଷ

**ନଦୀବନ୍ଧ ପରିଦର୍ଶନ କଲେ ଏମ୍‌ପି, ଜିଲାପାଳ**

ଧାମନଗର,୧୯।୨ (ଦେବେନ୍ଦ୍ର ଆଦ୍ଦିଆ)

ଭଦ୍ରକ ଜିଲା ଧାମନଗର ବ୍ଲକର ବୈତରଣୀ ଓ କୋଚିଲା ନଦୀବନ୍ଧ ସୁଦୃଢ଼ୀକରଣ ହେବ। ଏନେଇ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଆସନ୍ତା ୨୪ ତାରିଖରେ ଧାମନଗର ବ୍ଲକ ଗସ୍ତ କରି ବିଭିନ୍ନ ନଦୀବନ୍ଧ ବୁଲି ଦେଖିବା ସହ ଶିଳାନ୍ୟାସ କରିବାର କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ସୋମବାର ଅପରାହ୍ନରେ ଏମ୍‌ପି ମଞ୍ଜୁଲତା



ମଲିମାହାରା ଏସ୍‌କେପ୍ ପରିଦର୍ଶନ ଅବସରରେ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଜିଲାପାଳ ଓ ଅନ୍ୟମାନେ।

ମଣ୍ଡଳ, ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ବିଜେଡି ଜିଲା ପର୍ଯ୍ୟବେକ୍ଷକ ସଞ୍ଜୟ ଦାସବର୍ମା, ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ, ଏସ୍‌ପି ବରୁଣ ଗୁଣ୍ଟୁପାଲି, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ପ୍ରମୁଖ ଆନନ୍ଦପୁରଠାରୁ ବୈତରଣୀ ନଦୀବନ୍ଧ ବୁଲି ଦେଖିଛନ୍ତି। ଗୌରାଙ୍ଗପୁର ଓ ମଲିମାହାରା ଏସ୍‌କେପ୍, ଆଠଘରିଆ, ଗାନ୍ଧୀଘାଟ ସମେତ ବିଭିନ୍ନ ନଦୀବନ୍ଧ ବୁଲି ସ୍ଥିତି ସମୀକ୍ଷା କରିଥିଲେ।

# ଭାଗଲପୁରରେ ନିର୍ମାଣ ହେବ ଅଣ୍ଡରପାସ୍

## ରେଲୱେ ପକ୍ଷରୁ ସ୍ଥାନ ପରିଦର୍ଶନ



ସ୍ଥାନୀୟ ଜନ ପ୍ରତିନିଧି ଓ ରେଲୱେ ଅଧିକାରୀମାନେ।

ଯୋଡ଼ା,୧୯।୨(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ବିରିକଳା ପଞ୍ଚାୟତ ତଥା ଦକ୍ଷିଣ ପୂର୍ବ ରେଳ ପଥର ଭାଗଲପୁରଠାରେ ଏକ ଅଣ୍ଡର ପାସ ନିର୍ମାଣ ହେବ। ଏ ନେଇ ସୋମବାର ରେଲୱେର ଅଧିକାରୀମାନେ ଅଞ୍ଚଳ ପରିଦର୍ଶନ କରିଛନ୍ତି। ଅଧିକାରୀମାନେ ବିରିକଳା ସରପଞ୍ଚ ମୁଖ ନାଏକଙ୍କ ଉପସ୍ଥିତିରେ ଭାଗଲପୁର-ବିଲେଇପଦା ରେଳ ଧାରଣାରେ ଅଣ୍ଡର୍ ପାସ ନିର୍ମାଣ ସ୍ଥାନ ନିରୀକ୍ଷଣ ଓ ପରୀକ୍ଷଣ କରିଥିଲେ। ପ୍ରକାଶ ଯୋଗ୍ୟ, ଭାଗଲପୁର ଗ୍ରାମବାସୀ ରେଳ ଲାଇନ ଦେଇ ଯାତାୟାତ କରନ୍ତି। ଦୁର୍ଘଟଣା ଘଟି ବହୁ ଧନ ଜୀବନହାନୀ ହୋଇଛି। ଏହାକୁ ଦୃଷ୍ଟିରେ ରଖି ସ୍ଥାନୀୟ ଅଞ୍ଚଳବାସୀ ରେଳ ବିଭାଗର ଦୃଷ୍ଟି ଆକର୍ଷଣ କରି ଥିଲେ ହେଁ କୌଣସି ସୁଫଳ ପାଇ ନ ଥିଲେ। ସ୍ଥାନୀୟ ସରପଞ୍ଚ, ନାଏବ ସରପଞ୍ଚଙ୍କ ଉଦ୍ୟମ କ୍ରମେ କେନ୍ଦୁଝର ଲୋକସଭା ସାଂସଦ ଚନ୍ଦ୍ରାଣୀ ମୁର୍ମୁଙ୍କୁ ଘଟଣାସ୍ଥଳ ପରିଦର୍ଶନ କରାଇ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ସାଂସଦ ଝାଡ଼ଖଣ୍ଡ ରାଜ୍ୟ ପଶ୍ଚିମ ସିଂ ଭୂମ ଲୋକସଭା ସାଂସଦ ଗୀତା କଡ଼ା ଓ ପୂର୍ବତନ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ମଧୁ କଡ଼ାଙ୍କ ସହ ଆଲୋଚନା କରି ଅଣ୍ଡର ପାସ ନିର୍ମାଣ ପାଇଁ ଦକ୍ଷିଣ-ପୂର୍ବ ରେଳ ପଥକୁ ପ୍ରସ୍ତାବ ଦେଇଥିଲେ। ଗତ ଡିସେମ୍ବର ମାସରେ ଏହାର ଟେଣ୍ଡର ପ୍ରକ୍ରିୟା ହୋଇଥିଲା। ପୂର୍ବତନ ନାଏବ ସରପଞ୍ଚ ବିଷ୍ଣୁ ଖିଲାରଙ୍କ ଉପସ୍ଥିତିରେ ଚକ୍ରଧରପୁର ଡିଭିଜନରୁ ଆସିଥିବା ଆଇଓଡବ୍ଲ୍ୟୁ(ଇନ୍ସପେକ୍ଟର ଅଫ ୱାର୍କ) ବୁଦନ ସିଂ ଜାମୁଦା, ପିଡବ୍ଲ୍ୟୁଆଇ (ପର୍ମାନେନ୍ଟ ୱାର୍କ ଇନ୍ସପେକ୍ଟର) ଲକ୍ଷ୍ମଣ ରଜକ ତଥା ଅନ୍ୟାନ୍ୟ ଅଧିକାରୀମାନେ ନିରୀକ୍ଷଣ ସମ୍ପୂର୍ଣ୍ଣ କରିଥିବା ବେଳେ କମ ସମୟ ମଧ୍ୟରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ପ୍ରକାଶ କରିଥିଲେ।

# ଦିନକ ପାଇଁ ଶାନ୍ତିରେ ନିଃଶ୍ୱାସ ମାରିଲେ ଖଇରାବାସୀ

ଖଇରା,୧୯।୨(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକରେ ସୋମବାର ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ଓ ଏସ୍‌ପି ସାଗରିକା ନାଥଙ୍କର ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ହେଲେ କାହାର ଅଭିଯୋଗ ପୂରଣ ହୋଇ ଥାଉ କି ନ ଥାଉ ଖଣିକୁ ଭାରିଯାନ ଯାତାୟାତ ବନ୍ଦ ରହିଥିବାରୁ ସୋମବାର ସ୍କୁଲ କଲେଜ ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ ଗୋଟିଏ ଦିନ ଶାନ୍ତିରେ ନିଃଶ୍ୱାସ ମାରିଛନ୍ତି।

ଖଣି ଚାଲିବା ଦିନଠାରୁ ପ୍ରଥମେ ଅଳ୍ପ କିଛି ସଂଖ୍ୟାର ଟ୍ରକ ଜିଲା ଭିତରେ ଯାତାୟାତ କରୁଥିଲା। ପରେ ପଶ୍ଚିମବଙ୍ଗ ରାଜ୍ୟରୁ ହଜାର ହଜାର ସଂଖ୍ୟାର ହାଇୱା ୭୦/୮୦ଟନ ମାଲ ପରିବହନ କଲେ । ଫଳରେ ନୂତନ ଭାବେ ନିର୍ମାଣ ହୋଇଥିବା ସୋର-କୁପାରୀ ଓ ରାଣିତାଲ କୁପାରୀ ରାସ୍ତା ୪ ମାସ ମଧ୍ୟରେ ଶୋଚନୀୟ ହୋଇପଡିଲାଣି । ସେହିଭଳି ସ୍କୁଲ ଓ କଲେଜ ସମୟରେ ଏହି ଭାରିଯାନ



ବଣପାରିଆ ଛକ ନିକଟରେ ଟ୍ରକଗୁଡିକ ଜିଲାପାଳଙ୍କ ଫେରିବା ବାଟକୁ ଅପେକ୍ଷା କରି ରହିଛନ୍ତି।

ଚଳାଚଳ କାରଣରୁ ପିଲାମାନେ ଅଣନିଃଶ୍ୱାସୀ ହୋଇପଡିଥିଲେ। ଏହି ରାସ୍ତା ସଂଲଗ୍ନ କୁପାରୀ, ଖଇରା, ନହଙ୍ଗ ଓ ମାଟିଆଳପଦା କଲେଜ ତଥା ଖଇରା, କୁପାରୀ, ତୁଡିଗଡିଆ, ମହତୀପୁର, ଗଣ୍ଡିବେଢସ୍ଥିତ ହାଇସ୍କୁଲ ପିଲାମାନେ ରାସ୍ତା ପାରି ହେବାକୁ ଅନ୍ୟର ସାହାଯ୍ୟ ଲୋଡିବାକୁ ବାଧ ହେଉଥିଲେ। ଓଭରଲୋଡିଂ ଗାଡିରୁ ପଥର ପଡି କିଛି କଲେଜ ପିଲା ଆହତ ହୋଇଥିବା ଅଭିଯୋଗ ହୋଇଥିଲା। ଦିନ ସମୟରେ ସ୍କୁଲ ଓ କଲେଜ ଆରମ୍ଭରୁ ଛୁଟି ହେବା ହେବା ପର୍ଯ୍ୟନ୍ତ ଭାରିଯାନ ଚଳାଚଳ ବନ୍ଦ ରଖିବାକୁ ଦାବି ହେଉଥିବା ବେଳେ ବେଆଇନ ଖଣି ଲୁଟେରାଙ୍କ ସହ ଅର୍ଥପିପାସୁ ସାଜିଥିବା କିଛି ପ୍ରଶାସନିକ କର୍ମଚାରୀ ସାମିଲ ହୋଇଯାଇଥିବାରୁ ସଂଖ୍ୟା କମିବା ପରିବର୍ତ୍ତେ ଆହୁରି ବଢି ଚାଲିଥିଲା। ଶାରୀଶୁଆ ପାହାଡ ୱାଗନରମୟ ହୋଇଯାଇଥିଲା। ସୋମବାର ଜିଲାପାଳ ଶୁଣାଣି ପାଇଁ ଆସୁଥିବା ସମ୍ପର୍କରେ ଖବରପାଇ ବେଆଇନ ଖଣି ଲୁଟେରାମାନେ ଭାରିଯାନ ଚଳାଚଳ ବନ୍ଦ ରଖିବାକୁ ବାଧ ହୋଇଥିଲେ। ସେପଟେ ଜିଲାପାଳ ଆସିଥିବା କଥା ନ ଜାଣି ସୋର-କୁପାରୀ ରାସ୍ତାରେ ଚାଲି ଆସିଥିବା ଶହ ଶହ ଟ୍ରକ ରାସ୍ତାରେ ସନ୍ଧ୍ୟା ପର୍ଯ୍ୟନ୍ତ ଛିଡା ହୋଇ ରହିଥିଲା। ଘଟଣାକ୍ରମେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଉପଜିଲାପାଳ ପ୍ରଥମେଶ ରାଜେଶ ହିର୍କେ ଖଣି ଓ ପରିବହନ ଅଧିକାରୀଙ୍କ ସହ ଖଣି ରାସ୍ତାରେ ଚଢାଉ କରି ବେଆଇନ ଭାବେ ପଥର ନେଉଥିବା ୮ଟି ଗାଡିକୁ ଜବତ କରି ଜରିମାନା ଆଦାୟ କରିଥିଲେ। ଜନଶୁଣାଣି ଶିବିରରେ କୁପାରୀରେ ବେଆଇନ ଜମି ଜବରଦଖଲ, ପଳସା ଏମଆଇପି ଅଧୀନରେ ଆସୁଥିବା ତାଳବନ୍ଧର କାମ ନିମ୍ନମାନର ହେଉଥିବାରୁ ବାରମ୍ବାର ଭାଙ୍ଗିବା, ଉପନିବନ୍ଧକ କାର୍ଯ୍ୟାଳୟରେ କର୍ମଚାରୀ ମରୁଡି ଭଳି ୧୧୯ଗୋଟି ସମସ୍ୟାର ଶୁଣାଣି କରିଥିଲେ।

**ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର**

ଖଇରା,(ଉତ୍କଳବନ୍ଧୁ ପଣ୍ଡା)-ଖଇରା ବ୍ଲକ ଗରସଙ୍ଗ ଜମ୍ବେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୧୬ଦିନ ଧରି ଚାଲିଥିବା ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଅଧକ୍ଷ ଗଜେନ୍ଦ୍ର ପ୍ରସାଦ ସେନାପତିଙ୍କ ପୌରୋହିତ୍ୟରେ ଆୟୋଜିତ ସମାରୋହରେ ଅଧାପକ ମନୀନ୍ଦ୍ର କୁମାର ଦୀକ୍ଷିତ, କାର୍ଯ୍ୟକ୍ରମର ମୁଖ୍ୟ ପରିଚାଳକ ଅଧାପକ ରୁଦ୍ର କୁମାର କର, ସହ ପରିଚାଳକ ବସନ୍ତ କୁମାର ବାରିକ ଓ ତାଲିମଦାତ୍ରୀ ଅର୍ଚ୍ଚନା ଜେନା ଶିବିରର ଉଦ୍ଦେଶ୍ୟ ଉପରେ କହିଥିଲେ। ୧୫୪ ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା।

**ବାଲେଶ୍ୱର**

## ଅବକାରୀ ଚଢ଼ାଉ, ୪ ଗିରଫ

ରୂପସା, ୧୯।୨(ବାଞ୍ଛାନିଧି ଦେ)-ବାଲେଶ୍ୱର ଜିଲା ଅବକାରୀ ଅଧୀକ୍ଷକ ସୁଶାନ୍ତ ପାଢ଼ୀଙ୍କ ନିର୍ଦ୍ଦେଶକ୍ରମେ ନିରୀକ୍ଷକ ହରିହର ସିଂଙ୍କ ତତ୍ତ୍ୱାବଧାନରେ ଭ୍ରାମ୍ୟମାଣ ଅବକାରୀ ସ୍କ୍ୱାଡ୍ ପକ୍ଷରୁ ଅଚାନକ ଚଢ଼ାଉ କରାଯାଇଛି। ସିଂଲା ଥାନା ଅଧୀନ ସାର୍ଥା ବଜାର ଓ ସାର୍ଥା ଗ୍ରାମରେ ଚଢ଼ାଉ କରାଯାଇ ବିପୁଳ ପରିମାଣରେ ଦେଶୀ ଓ ବିଦେଶୀ ମଦ ଜବତ ହୋଇଛି। ଜଣେ ମହିଳାଙ୍କ ସମେତ ୪ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ସୋମବାର କୋର୍ଟଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ସାର୍ଥା ଗ୍ରାମର ଶଶିକାନ୍ତ ବେହେରା, ଦମୟନ୍ତୀ ପାତ୍ର, ଅମୂଲ୍ୟ ରଣା ଓ ଚକସାର୍ଥା ଗ୍ରାମର ରଣଜିତ ସାମନ୍ତ। ଅଭିଯୁକ୍ତଙ୍କ ନିକଟରୁ ୧୦୦ ଲିଟର ଦେଶୀମଦ ଓ ୫.୪୦୦ ଲିଟର ବିଦେଶୀ ମଦ ଜବତ କରାଯାଇଛି। ୪ଟି ପୃଥକ୍ ମାମଲା ରୁଜୁ ହୋଇଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ୍ ହାଜତକୁ ପଠାଯାଇଛି। ଏହି ଚଢ଼ାଉରେ ବସ୍ତା ଅବକାରୀ ଉପନିରୀକ୍ଷକ ଭକ୍ତଚରଣ ସ୍ୱାଇଁ, ମୋବାଇଲ ସ୍କ୍ୱାଡ ଏଏସ୍ଆଇ ମଙ୍ଗଳ କୁମାଲ ସିଂ ପ୍ରମୁଖ ସାମିଲ ଥିଲେ।

# ରାସ୍ତାରେ ଗରା, ବାଲ୍‌ତି ରଖି ଅବରୋଧ

**ଏବେଠୁ ଦେଖାଦେଲାଣି ପାଣି ସମସ୍ୟା**

ନୀଳଗିରି, ୧୯।୨(ପ୍ରଶାନ୍ତ ବିଶ୍ୱାଳ)


ଗରା, ବାଲ୍‌ତି ରଖି ଗ୍ରାମବାସୀ ରାସ୍ତା ଅବରୋଧ କରିଛନ୍ତି।

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଅଧୀନ ମଛୁଆ ପଞ୍ଚାୟତର ମଛୁଆ ଆଦିବାସୀ ସାହିରେ ଏବେଠୁ ପାନୀୟଜଳ ସମସ୍ୟା ଉତ୍କଟ ହେଲାଣି। ଏହାର ପ୍ରତିବାଦ କରି ସୋମବାର ଲୋକେ ମିତ୍ରପୁର-ଅଯୋଧ୍ୟା ରାସ୍ତାରେ ଗରା, ବାଲ୍‌ତି ରଖି ରାସ୍ତା ଅବରୋଧ କରିଥିଲେ।

ଦୀର୍ଘଦିନ ଧରି ୨ ନଳକୂପ ଅଚଳ ହୋଇପଡ଼ିଥିବା ବେଳେ ପିଇବା ପାଣି ପାଇଁ ଅଞ୍ଚଳବାସୀ ବହୁ ଅସୁବିଧାରେ ସମ୍ମୁଖିନ ହେଉଛନ୍ତି। ଏନେଇ ସ୍ଥାନୀୟ ସରପଞ୍ଚ କମଳାକାନ୍ତ ସିଂ ଗତ ଗୁରୁବାର ଦିନ ଉକ୍ତ ବିଭାଗୀୟ ଯନ୍ତ୍ରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ ସୁଧା କୌଣସି ସମାଧାନ ହୋଇ ନ ଥିଲା। ଶେଷରେ ନିରୁପାୟ ହୋଇ ସ୍ଥାନୀୟ ଲୋକେ ମିତ୍ରପୁର ଅଯୋଧ୍ୟା ରାସ୍ତାକୁ ସୋମବାର ଅବରୋଧ କରିଥିଲେ। ଘଟଣା ସମ୍ପର୍କରେ ଖବରପାଇ ବିଭାଗୀୟ ଯନ୍ତ୍ରୀ ମହେଶ୍ୱର ସିଂ ପହଞ୍ଚି ତୁରନ୍ତ ପାନୀୟ ଜଳ ପାଇଁ ସମାଧାନ ଏବଂ ନୂତନ ନଳକୂପ ଖନନ ପାଇଁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ୱାର୍ଡ଼ସଭ୍ୟ ମାନସ ସିଂ, ସଭ୍ୟ ରାମଚନ୍ଦ୍ର ସିଂଙ୍କ ସହିତ ସ୍ଥାନୀୟ ସାମାଜିକ କର୍ମୀ ଭଗବାନ ଦାସ, ଗ୍ରାମବାସୀଙ୍କ ମଧ୍ୟରେ ନିରଞ୍ଜନ ସିଂ, ମଞ୍ଜୁ ସିଂ, ଗୋପୀନାଥ ସିଂ, ପଦ୍ମାବତୀ ନାୟକ, ଏକବାରୀ ସିଂ, ମାନ ସିଂ, ମମତା ସିଂ, ଟୁନି ସିଂ, ସରସ୍ୱତୀ ସିଂ, ସୋମବାରୀ ସିଂ, ବାୟାଣି ସିଂ, ମଲି ସିଂ, ଗୀତା ସିଂ ମଙ୍ଗୁଳି ସିଂ, ପଣ୍ଡା ସିଂ, ପାଗୁଲୁ ସିଂ, ଉପେନ୍ଦ୍ର ସିଂ, ଲକ୍ଷ୍ମୀ ସିଂ, ପୂର୍ଣ୍ଣିମା ସିଂ ପ୍ରମୁଖ ଶତାଧିକ ଗ୍ରାମବାସୀ ରାସ୍ତା ଅବରୋଧରେ ସାମିଲ ଥିଲେ।

## ବନ୍ଧୁକ ଦେଖାଇ ଲୁଟିନେଲେ ୫ଲକ୍ଷ ଟଙ୍କାର ଅଳଙ୍କାର

ଜଳେଶ୍ୱର, ୧୯।୨(ନବୀନ ସାହୁ/ରବିନାରାୟଣ ପାତ୍ର)

ରାଜଘାଟ ଓଟି ରୋଡ୍‌ରେ ଜଣେ ବ୍ୟବସାୟୀଙ୍କଠାରୁ ୨ଜଣ ଦୁର୍ବୃତ୍ତ ବନ୍ଧୁକ ଦେଖାଇ ନଗଦ ଟଙ୍କା ସହ ପାଖାପାଖି ୫ ଲକ୍ଷ ଟଙ୍କା ମୂଲ୍ୟର ସୁନା ଅଳଙ୍କାର ଲୁଟି ନେଇଥିବା ଜଳେଶ୍ୱର ଥାନାରେ ଅଭିଯୋଗ ହୋଇଛି। ମହମ୍ମଦନଗର ପାଟଣା ପଞ୍ଚାୟତ ନୂଆଗାଁ ଗ୍ରାମର ସୁନା ଦୋକାନୀ ଚନ୍ଦନ ରଣା ରବିବାର ରାତି ପ୍ରାୟ ୯ଟାରେ ଦୋକାନ ବନ୍ଦ କରି ଘରକୁ ଫେରୁଥିଲେ। ଘରଠାରୁ ମାତ୍ର କିଛିଦୂରରେ ଥିବା ନୂଆଗାଁ ବସ୍‌ଷ୍ଟପ୍ ନିକଟରେ ଏକ ପଲସର ବାଇକ୍‌ରେ ୨ଜଣ ଯୁବକ ଆସି ତାଙ୍କୁ ଅଟକାଇଥିଲେ। ପରେ ମୁଣ୍ଡରେ ବନ୍ଧୁକ ରଖି ତାଙ୍କ ବାଇକ୍ ଡିକିରେ ଥିବା ନଗଦ ଟଙ୍କା ଓ ସୁନା ଅଳଙ୍କାର ଲୁଟିନେଇ ୧୬ ନମ୍ବର ଜାତୀୟ ରାଜପଥ ଆଡ଼କୁ ପଳାଇଥିଲେ। ଅନ୍ୟଜଣେ ବାଇକ୍ ଆରୋହୀ ଏହି ଦୁର୍ବୃତ୍ତମାନଙ୍କୁ ପିଛା କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସେମାନେ ଦ୍ରୁତଗତିରେ ବସ୍ତା ଆଡ଼କୁ ପଳାଇଥିଲେ। ଚନ୍ଦନ ଏନେଇ ଜଳେଶ୍ୱର ଥାନାରେ ଅଭିଯୋଗ କରିଛନ୍ତି।

## ଜୀବନର ଶେଷ ପର୍ଯ୍ୟନ୍ତ ଭିଟାମାଟି ନ ଛାଡିବାକୁ ଶପଥ


ଭିଟାମାଟି ସୁରକ୍ଷା କମିଟି ପକ୍ଷରୁ ତହସିଲ ଘେରାଉ।

ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ)/କାଳିପଦା(ରାଜଶ୍ରୀ ପାଣିଗ୍ରାହୀ), ୧୯।୨

**■ସୁବର୍ଣ୍ଣରେଖା ବନ୍ଦର, ପେଟ୍ରୋ କେମିକାଲ ପ୍ଲାଣ୍ଟକୁ ବିରୋଧ**

ଉପକୂଳ ଭିଟାମାଟି ସୁରକ୍ଷା କମିଟିର ଆବାହକ ଅରୁଣ ଜେନାଙ୍କ ନେତୃତ୍ୱରେ ସମୁଦ୍ର ଉପକୂଳ ଦକ୍ଷିଣ ବାଲିଆପାଳରେ ପ୍ରସ୍ତାବିତ ବନ୍ଦର ଓ ପେଟ୍ରୋ କେମିକାଲ ପ୍ଲାଣ୍ଟ ସହିତ ହସ୍କରାରୁ ଚଉମୁଖ ଯାଏ ୧୨୦୦ ମିଟରରୁ ୧୫୦୦ ମିଟର ଚଉଡାରେ ଶିଳ୍ପ କରିଡ଼ର ନିର୍ମାଣକୁ ବିରୋଧ କରି ସୋମବାର ବାଲିଆପାଳ ତହସିଲ ଘେରାଉ କରଯାଇଥିଲା। ଦକ୍ଷିଣ ବାଲିଆପାଳର ୬ ପଞ୍ଚାୟତର ଲୋକେ ଖଗଡ଼ାପାଳ ଶିବମନ୍ଦିରଠାରୁ ଶୋଭାଯାତ୍ରାରେ ବାହାରି ବାଲିଆପାଳ ପୁରୁଣା ବସ୍‌ଷ୍ଟାଣ୍ଡରେ ପହଞ୍ଚିଥିଲେ। ଭିଟାମାଟି ସୁରକ୍ଷା କମିଟି ଆବାହକ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିଜନ ନାୟକ, ସିପିଏମ୍‌ର ଜିଲା ସାଧାରଣ ସମ୍ପାଦକ ଶିଶିର ହୁଇ, ଗଣତାନ୍ତ୍ରିକ ମହିଳା ସାଙ୍ଗଠ୍ୟ ଜିଲା ସାଧାରଣ ସମ୍ପାଦିକା ସ୍ନେହଲତା ପଣ୍ଡା, ସିପିଏମ୍ ନେତା ରାଜୀବ ପଣ୍ଡା, ଜିଲା କଂଗ୍ରେସ ମୁଖପାତ୍ର ଓ ସାଧାରଣ ସମ୍ପାଦକ ସୁଧାଂଶୁ ଜେନା, ଜିଲା କିଷାନ କଂଗ୍ରେସ ସଭାପତି ଜୟନ୍ତ ମହାପାତ୍ର, ଜିଲା ପରିଷଦ ସଦସ୍ୟ ବାବାଜୀ ଦେହୁରୀ, କଂଗ୍ରେସ ନେତା ରବିନାରାୟଣ ମହାନ୍ତି ଯୋଗଦେଇଥିଲେ। ସଭାରେ ବାଲିଆପାଳ ବ୍ଲକ ଉପାଧକ୍ଷ ରାଜେଶ ଚୌଧୁରୀ, ତୀର୍ଥ କୁମାର ନାଗ, ସୁବାସ ନାୟକ, ବେଣୁ ରଣଜିତ, ପ୍ରଶାନ୍ତ ଦାସ, ମୃତ୍ୟୁଞ୍ଜୟ ରାଉତ, ମାୟାଧର କୁହ୍ଲାରୀ, ହରପ୍ରସାଦ ମହାନ୍ତି, ବିଜୟ ନାୟକ, ହରେକୃଷ୍ଣ ସେନାପତି, ହୃଷୀକେଶ ପଣ୍ଡା, ସେକ ଅଞ୍ଜନ, ତ୍ରିଲୋଚନ ବେହେରା, ପ୍ରଦୀପ ସାମନ୍ତରାୟ ଓ ଅନ୍ୟମାନେ ଜୀବନର ଶେଷ ନିଃଶ୍ୱାସ ଥିବା ପର୍ଯ୍ୟନ୍ତ ଭିଟାମାଟି ଛାଡ଼ିବେ ନାହିଁ ବୋଲି ଶପଥ ନେଇଥିଲେ। ଭିଟାମାଟି ସୁରକ୍ଷା କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀ ଏବଂ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବାଲିଆପାଳ ଅତିରିକ୍ତ ତହସିଲଦାର ସୁବ୍ରତ କୁମାର ପାତ୍ରଙ୍କୁ ପ୍ରଦାନ କରାଯାଇଛି।

## ଉଦ୍‌ଯାପିତ ହେଲା ଗ୍ରାମୀଣ ଶିବିର

ବାଲେଶ୍ୱର, ୧୯।୨(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ରେମୁଣା ବ୍ଲକ ନୂଆପାଢ଼ୀ ସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟର ସମାଜ ସେବା ବିଭାଗ ତରଫରୁ ମୟୂରଭଞ୍ଜ ଜିଲାର ଶରତ ବ୍ଲକ ଅଧୀନ ବିଭିନ୍ନ ଗ୍ରାମରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମ ସହ ୧୦ଦିନିଆ ଗ୍ରାମୀଣ ଶିବିର ଶେଷ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ଅଧ୍ୟାପିକା ଓ ଛାତ୍ରୀଛାତ୍ରଙ୍କ ଦ୍ୱାରା '୫-ଜି' ଯାହା ଜଙ୍ଗଲ, ଜମି, ଜନ୍ତୁ, ଜଳ ଓ ଜୀବନ ତଥା ଆଦିବାସୀଙ୍କ ପରିଚୟ ସୃଷ୍ଟି ବିଷୟ ଆଧାରିତ ଏକ ସୁନ୍ଦର ନାଟକ ପରିବେଷଣ କରାଯାଇଥିଲା। ବିଭାଗର ଅଧ୍ୟାପିକା ରଶ୍ମିରେଖା ରାଉତ ଉକ୍ତ ନାଟକର ସଂଳାପ ଲେଖନ ଓ ନିର୍ଦ୍ଦେଶନା ଦେଇଥିଲେ।

କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ବାର୍ତ୍ତାରେ ଅନୁପ୍ରାଣିତ ଛାତ୍ରୀଛାତ୍ରମାନେ ଚାରାରୋପଣ କାର୍ଯ୍ୟକ୍ରମ, ସାମ୍ପ୍ରଦାୟିକ ଗୋଷ୍ଠୀଙ୍କ ସହ ଉତ୍ସବ ଆଦି ପାଳନ କରିଥିଲେ। ଶରତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତଥା ବାଳିକା ଆଶ୍ରମରେ ମାସିକ ଋତୁସ୍ରାବକୁ ନେଇ ଏକ ସଚେତନତା ନାଟକ ପ୍ରଦର୍ଶନ କରିଥିଲେ। ବାଲ୍ୟବିବାହ ପ୍ରଥାର ବିରୋଧ, ଶିକ୍ଷାର ଅଧିକାର, ସ୍ୱାସ୍ଥ୍ୟର ଯତ୍ନ, ଅନ୍ଧବିଶ୍ୱାସ ଦୂରୀକରଣ ଆଦି ପ୍ରସଙ୍ଗ ନେଇ ୫ଟି ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା। ଛାତ୍ରୀଛାତ୍ରମାନଙ୍କ ଏହି ସାମାଜିକ ସଚେତନତାର ପ୍ରଚେଷ୍ଟାକୁ ରାସଗୋବିନ୍ଦପୁର, ଅନ୍ତ୍ୟୋଦୟ ଚେତନା ମଣ୍ଡଳ (ଏସିଏମ୍)ର ସମ୍ପାଦକ ଆଦିତ୍ୟ ପଟ୍ଟନାୟକ ପ୍ରଶଂସା ବ୍ୟକ୍ତ କରିବା ସହ ଏସିଏମ୍ ଅନୁଷ୍ଠାନ ପରିଦର୍ଶନର ସୁଯୋଗ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ପିତାମ୍ବର ସାହୁ, ଡ. ଭଗବାନ ପଣ୍ଡା, ଦୁରାମ ସିଂ, ଆଦିବାସୀ ଯୁବନେତା ବାଗୁନ୍ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ସମାଜସେବା ବିଭାଗର ଅଧ୍ୟାପିକା ରଶ୍ମିରେଖା ରାଉତ ଧନ୍ୟବାଦ ଦେଇଥିଲେ।

## ବିଲ ମଝିରେ ମହିଳାଙ୍କ ଝୁଲନ୍ତା ମୃତଦେହ

ଜଳେଶ୍ୱର, ୧୯।୨(ରବିନାରାୟଣ ପାତ୍ର): ଜଳେଶ୍ୱର-ଜମାଲପୁର ରାସ୍ତାର ଶଙ୍କର ରଣା ପୋଖରୀ ସନ୍ନିକଟ ବଡପୋଲ ନିକଟ ବିଲରେ ଥିବା ଗଛରୁ ଝୁଲନ୍ତା ଅବସ୍ଥାରେ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ମାଳଗଡିଆ ଗାଁର ବୁଦ୍ଧି ମାରାଣ୍ଡି ବସ୍ତା ଥାନା ଅଧନ ଧିତପୁରା ଗାଁର ଅର୍ଜୁନ ମାରାଣ୍ଡିଙ୍କୁ ବିବାହ କରିଥିଲେ। ବୁଦ୍ଧିଙ୍କ ମା' ଓ ଭାଇ ନ ଥିବାରୁ ସେ ତାଙ୍କ ସ୍ୱାମୀ ଅର୍ଜୁନଙ୍କ ସହିତ ମାଳଗଡିଆସ୍ଥିତ ବାପଘରେ ରହି ବୃଦ୍ଧ ବାପାଙ୍କୁ ସେବା କରୁଥିଲେ। ଗତ ୩ଦିନ ତଳେ ବୁଦ୍ଧି ଘରୁ କୁଆଡେ ଚାଲି ଯାଇଥିବାରୁ ବାପା ଦୁର୍ଗା ଓ ସ୍ୱାମୀ ଅର୍ଜୁନ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ସୋମବାର ସକାଳେ ବିଲ ମଝିରେ ଥିବା ଏକ ପଟାସ ଗଛରେ ତାଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ମିଳିଥିଲା। ମୃତ୍ୟୁର କାରଣ ଜଣାପଡି ନ ଥିବା ବେଳେ ପୋଲିସ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ଲାଗି ପଠାଇଛି।

## ରତାଇଠାରେ ସ୍ୱାସ୍ଥ୍ୟ ଶିବିର

କାଳିପଦା, ୧୯।୨(ରାଜଶ୍ରୀ ପାଣିଗ୍ରାହୀ)

ବାଲେଶ୍ୱର ରୋଟାରୀ କ୍ଲବ, ରତାଇ ପୁରୁଷୋତ୍ତମ ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ଓ ଜଗାବଳିଆ ଟ୍ରଷ୍ଟର ମିଳିତ ସହଯୋଗରେ ରବିବାର ରତାଇ ଉଚ୍ଚବିଦ୍ୟାଳୟ ପରିସରରେ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଚିକିତ୍ସକମାନେ ୧ହଜାର ରୋଗୀଙ୍କ ସ୍ୱାସ୍ଥ୍ୟପରୀକ୍ଷା କରିବା ସହ ଔଷଧ ପ୍ରଦାନ କରିଥିଲେ। ହୃଦ୍‌ରୋଗ ବିଶେଷଜ୍ଞ ଡା. ବ୍ରଜରାଜ ଦାସ, ପେଟରୋଗ ବିଶେଷଜ୍ଞ ଡା. କାହ୍ନୁଚରଣ ଦାସ, ହାଡ଼ ରୋଗ ବିଶେଷଜ୍ଞ ଡା. ପ୍ରଦ୍ୟୁମ୍ନ ପଣ୍ଡା, ଭେଷଜ ବିଶେଷଜ୍ଞ ଡା. ଶଶାଙ୍କ ଶେଖର ଦାସ, ଛାତିରୋଗ ବିଶେଷଜ୍ଞ ଡା. ସମୀର ରଞ୍ଜନ ବେହେରା, ଶଲ୍ୟ ଚିକିତ୍ସା ବିଶେଷଜ୍ଞ ଡା. ଜୟନ୍ତ ସାହୁ, ଶିଶୁ ରୋଗ ବିଶେଷଜ୍ଞ ଡା. ରଶ୍ମିକାନ୍ତ ଜଟାଣିଆ, ନାଶା, ଗଳା, କର୍ଣ୍ଣ ବିଶେଷଜ୍ଞ ଡା. ରୋହିତ ଅଗ୍ରୱାଲ, ଚକ୍ଷୁ ରୋଗ ବିଶେଷଜ୍ଞ ଡା. ଜ୍ୟୋତି ମଲ୍ଲିକ, ଦାନ୍ତ ରୋଗ ବିଶେଷଜ୍ଞ ଡା. ଅର୍ପିତା ପ୍ରମାଣିତ, ସ୍ତ୍ରୀ ପ୍ରସୂତି ବିଶେଷଜ୍ଞ ଡା. ଗୀତା ଗିରି ଓ ବହିଃ ବିଭାଗରେ ଡା. ଅଶୋକ କୁମାର ଦାସ ଦାୟିତ୍ୱ ତୁଲାଇଥିଲେ। ଶିବିରରେ ବାଲେଶ୍ୱର ରୋଟାରୀ ହସ୍ପିଟାଲ ଏବଂ ଭୁବନେଶ୍ୱରସ୍ଥିତ ଆପୋଲୋ ହସ୍ପିଟାଲର ଡାକ୍ତର ବିଶେଷଜ୍ଞ ଦଳ ସହଯୋଗ କରିଥିଲେ। ଶିବିରକୁ ରୋଟାରୀ କ୍ଲବର ସଭାପତି ପ୍ରଦୀପ କୁମାର ପଣ୍ଡା ଯୋଗଦେଇ ସଫଳତା କାମନା କରିଥିଲେ। କ୍ଲବ ସଦସ୍ୟାସଦସ୍ୟମାନେ ସହଯୋଗ କରିଥିଲେ। ପୁରୁଷୋତ୍ତମ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶୁକଦେବ ମହାନ୍ତି ଓ ଶିକ୍ଷୟିତ୍ରୀଶିକ୍ଷକମାନେ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ସଦସ୍ୟମାନେ ସହଯୋଗ କରିଥିଲେ। ଶିକ୍ଷାବିତ୍ ସୁଧାଂଶୁ ପଣ୍ଡା, ଦେବେନ୍ଦ୍ର କୁମାର ଧଳଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଶିବିର ପରିଚାଳିତ ହୋଇଥିଲା।

**ମୟୂରଭଞ୍ଜ**

## ଶ୍ରୀଜୀଉଙ୍କ ଦର୍ଶନ କଲେ ଜଗନ୍ନାଥପ୍ରେମୀ

ଉଦଳା, ୧୯।୨(ସନ୍ତୋଷ କୁମାର ବାଛିନୀ)-ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଦିବସର ସୋମବାର ଶେଷ ଦିନରେ ସିଂହାସନ ଉପରେ ବିରାଜମାନ ପରେ ଶ୍ରୀଜୀଉଙ୍କର ଦିବ୍ୟଦର୍ଶନ କରିଛନ୍ତି ହଜାର ହଜାର ଶ୍ରଦ୍ଧାଳୁ। ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହୋଇଛି ମନ୍ଦିର ବେଢ଼ା । କପ୍ତିପଦା ବ୍ଲକ ଗୁଡ଼ିହା-ପିଙ୍ଗୁ ନୂତନ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ଗତ ୧୫ ତାରିଖରୁ ଆରମ୍ଭ ହୋଇଥିଲା। ଦୈନନ୍ଦିନ ନାମ ସଂକୀର୍ତ୍ତନ, ଘୃତଯଜ୍ଞ, ପ୍ରସାଦସେବନ ଓ ପ୍ରବଚନ ସଭା ଆଦି କାର୍ଯ୍ୟକ୍ରମ ଶ୍ରଦ୍ଧାଳୁମାନଙ୍କ ମନରେ ଏକ ଆଧ୍ୟାତ୍ମିକ ଭାବନା ସୃଷ୍ଟି କରିଥିଲା। ଉଦ୍‌ଯାପନୀ ଦିବସରେ ସକାଳେ ସୂର୍ଯ୍ୟପୂଜା, ଗୋପୂଜା, ମଣ୍ଡପ ଦେବତାଧି ପୂଜନ, ମନ୍ଦିରରେ ଚକ୍ର ଓ ଧ୍ୱଜା ସ୍ଥାପନ ପରେ ଶ୍ରୀଜୀଉଙ୍କୁ ଦର୍ଶନ କରିଥିଲେ ଶ୍ରଦ୍ଧାଳୁ। ଏହାପରେ ହୋଇଥିଲା ଯଜ୍ଞମଣ୍ଡପରେ ପୂର୍ଣ୍ଣାହୁତି। ଏହି କାର୍ଯ୍ୟକ୍ରମରେ ଦୈନନ୍ଦିନ କପ୍ତିପଦା, ଉଦଳା ବ୍ଲକ ଅଞ୍ଚଳରୁ ହଜାର ହଜାର ଜଗନ୍ନାଥପ୍ରେମୀ ଏକତ୍ରିତ ହୋଇ ଏହି ଆଧ୍ୟାତ୍ମିକ କାର୍ଯ୍ୟରେ ସହଯୋଗ କରିଥିଲେ। ମନ୍ଦିର ନିର୍ମାଣ ଆକର୍ଷଣୀୟ ହୋଇଥିବାରୁ ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି ହୋଇଥିଲା। ଦୈନିକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଶେଷ ସନ୍ଧ୍ୟାରେ ଓଡିଶାର ବିଶିଷ୍ଟ କଣ୍ଠଶିଳ୍ପୀ ସୌରଭ ନାୟକ, ଦେବୀପ୍ରସାଦ ଏବଂ ତାଙ୍କ ସାଥୀଙ୍କ ଭଜନସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ମୋରଡ଼ା ବ୍ଲକ ସାମ୍ବାଦିକ ସଂଘ ଗଠନ

ମୋରଡ଼ା,୧୯।୨(ସ୍ମାରକ ମାଜୀ)-ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ସାମ୍ବାଦିକ ସଂଘ ଗଠନ କରାଯାଇଛି। ଶୀର୍ଷାପାଳସ୍ଥିତ ସାମ୍ବାଦିକ ଭବନ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଉକ୍ତ ବୈଠକରେ ସମସ୍ତଙ୍କ ସହମତି କ୍ରମେ କର୍ମକର୍ତ୍ତା ଚୟନ କରାଯାଇ ଏକ ପରିଚାଳନା କମିଟି ଗଠନ କରାଯାଇଥିଲା। ସଭାପତି ଭାବେ ରଣଜିତ କୁମାର ସାହୁ, ଉପ ସଭାପତି ରବୀନ୍ଦ୍ରନାଥ ମହାନ୍ତ, ସମ୍ପାଦକ ବିଶ୍ୱବନ୍ଦନ ବେହେରା, ଆବାହକ ମୃତ୍ୟୁଞ୍ଜୟ ସେନାପତି, ସଂଯୋଜକ ଜ୍ଞାନରଞ୍ଜନ ବେହେରା, କୋଷାଧକ୍ଷ ଅରବିନ୍ଦ ତୁଙ୍ଗ, ସହ ସଂଯୋଜକ ଭାବେ ରଜତ କୁମାର ମହାନ୍ତ ଏବଂ ମନୋଜ କୁମାର ବେହେରାଙ୍କୁ ଚୟନ କରାଯାଇଥିଲା।

# ଜନଜାତି ସାଂସ୍କୃତିକ ସମ୍ମିଳନୀ ମହାସମାରୋହ

ବାରିପଦା,୧୯।୨
(ନୀଳାଦ୍ରି ବିହାରୀ ଦଣ୍ଡପାଟ)


ବାରିପଦାଠାରେ ଆୟୋଜିତ ସମାରୋହରେ ବଲିଉଡ୍ ଷ୍ଟାର ଗୋବିନ୍ଦା ଓ ଅନ୍ୟମାନେ।

ମୟୂରଭଞ୍ଜ ଜିଲାରେ ଆଦିବାସୀ କଳା ସଂସ୍କୃତିର ବିକାଶ ଏବଂ ଯୁବବର୍ଗଙ୍କ ଭିତରେ ଲୁକ୍କାୟିତ ଥିବା କ୍ରୀଡ଼ା ନୈପୁଣ୍ୟତାକୁ ଲୋକଲୋଚନକୁ ଆଣିବା ପାଇଁ ସରକାରଙ୍କ ନିର୍ଦ୍ଦେଶ କ୍ରମେ ମୟୂରଭଞ୍ଜ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପକ୍ଷରୁ ଅୟୋଜିତ ଜନଜାତି ସାଂସ୍କୃତିକ ସମ୍ମିଳନୀ ମହା ସମାରୋହ 'ଆଦିଫେଷ୍ଟ-୨୦୨୪' ଉଦ୍‌ଯାପିତ ହୋଇଯାଇଛି। ବଲିଉଡ୍ ସୁପରଷ୍ଟାର ଗୋବିନ୍ଦା ଉପସ୍ଥିତ ରହି ଆଦିବାସୀ ତଥା ମୂଳବାସୀଙ୍କ ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନେଇଥିବା ପଦକ୍ଷେପକୁ ପ୍ରଶଂସା କରିଥିଲେ। ପରିଷଦର ଅଧ୍ୟକ୍ଷ ଡ.ଦେବାଶିଷ ମାରାଣ୍ଡିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପଞ୍ଚାୟତସ୍ତରରୁ ଆରମ୍ଭକରି ବ୍ଲକ ଏବଂ ଜିଲାସ୍ତରରେ ଏକ ଫୁଟବଲ ଟୁର୍ନାମେଣ୍ଟ 'ଏସ୍‌ଡିସି ଗ୍ରାଣ୍ଡ କପ୍' ଆୟୋଜିତ ହୋଇଯାଇଛି। ଜିଲାର ୨୬ଟି ବ୍ଲକର ୨୬ ବିଜେତା ଦଳକୁ ନେଇ ରାଇରଙ୍ଗପୁର କଚେରୀ ପଡ଼ିଆରେ ଜିଲାସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଆୟୋଜନ କରାଯାଇଥିଲା। ଚାମ୍ପିୟନ ଦଳକୁ ୧ ଲକ୍ଷ, ରନର ଅପ୍ ଦଳକୁ ୫୦ ହଜାର, ତୃତୀୟ ସ୍ଥାନ ଅଧିକାର କରିଥିବା ଦଳକୁ ୩୦ ହଜାର ଏବଂ ଚତୁର୍ଥ ସ୍ଥାନ ଅଧିକାର କରିଥିବା ଦଳକୁ ୨୫ ହଜାର ଅର୍ଥ ପ୍ରଦାନ କରାଯାଇଥିଲା। ମ୍ୟାନ ଅଫ ଟୁର୍ନାମେଣ୍ଟଙ୍କୁ ବୁଲେଟ ମୋଟର ସାଇକେଲ, ଶ୍ରେଷ୍ଠ ଗୋଲ ରକ୍ଷକଙ୍କୁ ୨୫ହଜାର ଓ ଶ୍ରେଷ୍ଠ ଡିଫେଣ୍ଡରଙ୍କୁ ମଧ୍ୟ ୨୫ହଜାର କରି ଅର୍ଥରାଶି ପ୍ରଦାନ କରାଯାଇଥିଲା । ଜିଲାର ବିଭିନ୍ନ ଆଦିବାସୀ ସାଂସ୍କୃତିକ ଅନୁଷ୍ଠାନଦ୍ୱାରା ଏଠାରେ ପାରମ୍ପରିକ ଗୀତ ନାଚ ପରିବେଷଣ କରାଯାଇଥିଲା। ଏହି ପରମ୍ପରା କଳା ଆଂସ୍କୃତିକୁ ଦୀର୍ଘସ୍ଥାୟୀ କରିବା ଉଦ୍ଦେଶ୍ୟରେ ସରକାରଙ୍କ ପକ୍ଷରୁ ସେମାନଙ୍କୁ ପାରମ୍ପରିକ ବାଦ୍ୟଯନ୍ତ୍ର ପ୍ରଦାନ କରାଯାଇଥିଲା। ରାଇରଙ୍ଗପୁର କଚେରୀ ପଡ଼ିଆ ମଞ୍ଚରେ କଣ୍ଠଶିଳ୍ପୀ ଅସୀମା ପଣ୍ଡାଙ୍କ ସଂଗୀତ ଏବଂ ବଲିଉଡ୍ ଷ୍ଟାର ଗୁଲସନ ଗ୍ରୋବରଙ୍କ ମନଛୁଆଁ ସଂଳାପ ସମସ୍ତଙ୍କୁ ଆନନ୍ଦିତ କରିଥିଲା । ସେହିପରି ବାରିପଦାରେ ଅନୁଷ୍ଠିତ ଜନଜାତି ସାଂସ୍କୃତିକ ସମିଳନୀରେ ପ୍ରତିଦିନ ଆଦିବାସୀ ନାଚଗୀତ ସହ ଓଲିଉଡ୍ କଣ୍ଠଶିଳ୍ପୀ ସତ୍ୟଜିତ ଓ ବଲିଉଡ୍ ଷ୍ଟାର ଗୋବିନ୍ଦାଙ୍କ କମେଡି ସଂଳାପ ସମସ୍ତଙ୍କ ମନ କିଣିନେଇଥିଲା। ଆଦିବାସୀ ଉନ୍ନୟନ ସଂସ୍ଥାର ରାଜ୍ୟ ସଂଯୋଜକ ପ୍ରଦୀପ ମାଝି, ବାରିପଦା ପୌରାଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି, ଏସ୍‌ଡିସି ଉପାଧ୍ୟକ୍ଷା କମଳା ତିରିଆଙ୍କ ସମେତ ବହୁ ନେତୃବୃନ୍ଦ ଯୋଗଦେଇ ଆଦିବାସୀଙ୍କ ବିକାଶ ଦିଗରେ ବକ୍ତବ୍ୟ ରଖିଥିଲେ।

## ରାସ୍ତା ନିର୍ମାଣ ଦାବିରେ ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ

ରାଇରଙ୍ଗପୁର,୧୯।୨(ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଉପଖଣ୍ଡ ବହଳଦା ବ୍ଲକ ଅଧୀନ ଗଭାରିଆଠାରୁ ଜଗନ୍ନାଥ ପୁର,ରଗିଡିହି ଏବଂ କଣ୍ଟାଶୋଲା ପ୍ରଭୃତି ୩ ଗ୍ରାମକୁ ରାସ୍ତା ନିର୍ମାଣ ଦାବିରେ ସୋମବାର ଶତାଧିକ ମହିଳା ଏବଂ ପୁରୁଷ ରାଇରଙ୍ଗପୁର ଉପ ଜିଲପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ଗ୍ରାମବାସୀ ଉପ ଜିଲାପାଳ ସରୋଜ କୁମର ଦାସଙ୍କୁ ଭେଟି ରାସ୍ତା ନିର୍ମାଣ ଲାଗି ଦାବି କରିଥିଲେ। ତୁରନ୍ତ ରାସ୍ତା ନିର୍ମାଣ କରା ନ ଗଲେ ଆଗାମୀ ୨୦୨୪ ନିର୍ବାଚନରେ ଭୋଟ ବର୍ଜନ କରିବେ ବୋଲି ଦାବି ପତ୍ରରେ ଉଲ୍ଲେଖ କରିଛନ୍ତି। ଗ୍ରାମବାସୀ ରାଇରଙ୍ଗପୁର ବନ ଉପଖଣ୍ଡ ଅଧିକାରୀ ଶିବ ପ୍ରସାଦ ରଥଙ୍କୁ ମଧ୍ୟ ଭେଟି ରାସ୍ତା ନିର୍ମାଣ ସକାଶେ ଦାବି କରିଥିଲେ। ଦାଶମାତ ସୋରେନ, ଭରତ ଚନ୍ଦ୍ର ମାରାଣ୍ଡି, ସୁଜାତା ମହାନ୍ତ ଏବଂ ଶୋଲମା କିସ୍କୁଙ୍କ ସମେତ ୩ ଗ୍ରାମର ଶତାଧିକ ମହିଳା ଯୁବକ ଘେରାଉ କାର୍ଯ୍ୟକ୍ରମରେ ସାମିଲ ଥିଲେ।


ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଥିବା ମହିଳା ପୁରୁଷ।

## କାଠ ବୋଝେଇ ଗାଡ଼ି ଜବତ

ଉଦଳା,୧୯।୨(ସନ୍ତୋଷ କୁମାର ବାଛିନୀ)-ଲକ୍ଷାଧିକ ଟଙ୍କାର ମୂଲ୍ୟବାନ ଶାଗୁଆନ କାଠ ବୋଝେଇ ଏକ ଟାଟା ଏସିଇ ଗାଡ଼ିକୁ ଉଦଳା ବନ ବିଭାଗ ଜବତ କରିଛି। ବନ ବିଭାଗ ସ୍ଥାନୀୟ ଦୁଗୁଧା ଗ୍ରାମ ନିକଟରେ ଚଢ଼ାଉ କରି ଚୋରା ଚାଲାଣ ହେଉଥିବା ଏହି ଗାଡିକୁ ଜବତ କରିଛି। ବନ କର୍ମଚାରୀଙ୍କୁ ଦେଖି ଗାଡ଼ି ଚାଳକ ଗାଡିଛାଡି ଫେରାର ହୋଇଯାଇଛନ୍ତି। ଜବତ କାଠର ଆନୁମାନିକ ମୂଲ୍ୟ ୧ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ବନ ବିଭାଗ କହିଛି। କାଠ ଗୁଡିକ କୁଣ୍ଡାବାଇ ଅଞ୍ଚଳରୁ ଉଦଳା ଆସୁଥିବା ତଦନ୍ତରୁ ଜଣାପଡ଼ିଛି।

## ବ୍ଲକସ୍ତରୀୟ ବିପର୍ଯ୍ୟୟ ପରିଚାଳନା କର୍ମଶାଳା

ବେତନଟୀ, ୧୯।୨(ଧରଣୀଧର ମହାନ୍ତି): ବେତନଟୀ ବ୍ଲକ ମିଟିଂ ହଲରେ ସୋମବାର ବ୍ଲକସ୍ତରୀୟ ବିପର୍ଯ୍ୟୟ ପରିଚାଳନା କର୍ମଶାଳା ଅନୁଷ୍ଠିତ ହୋଇଥିଲା। ବିଡିଓ ଅମୃତ କୁମାର ରାହୁଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ବ୍ଲକର ଅଧକ୍ଷା କୌଶଲ୍ୟା ମାଝୀ, ୩୫ ନମ୍ବର ଜୋନ ଜିଲା ପରିଷଦର ସଦସ୍ୟ ବିଶ୍ୱନାଥ ହେମ୍ବ୍ରମ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗଗନ ବିହାରୀ ବେହେରା ପ୍ରମୁଖ ମଞ୍ଚାସୀନ ରହି ବକ୍ତବ୍ୟ ରଖିଥିଲେ । ବେତନଟୀ ବ୍ଲକର ୧୬ ଗ୍ରାମରେ ବିପର୍ଯ୍ୟୟ ପରିଚାଳନା ଯୋଜନା ହେବା ପାଇଁ ବ୍ଲକର ନୋଡାଲ ଅଫିସର ସୁଶାନ୍ତ କୁମାର ରାହୁଳ ଉପସ୍ଥିତ ହୋଇ ବିପର୍ଯ୍ୟୟ ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ବିଭାଗର ଅଧିକାରୀ ଓ ପଞ୍ଚାୟତିରାଜର ପ୍ରତିନିଧି ବୃନ୍ଦ ଓ ଫୋର୍ଡର ସଭ୍ୟମାନେ ଉପସ୍ଥିତ ଥିଲେ। ବ୍ଲକର ସେକ୍ସନ ଅଧିକାରୀ ଜୟନ୍ତ କୁମାର ଗିରି ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍କୁଲ ପାଚେରି ନିର୍ମାଣ ଦାବିରେ ରାସ୍ତାରୋକୋ

ଗୋପବନ୍ଧୁ ନଗର,୧୯।୨
(ଶାନ୍ତନୁ କୁମାର ମଢୁଆଳ)

ଗୋପବନ୍ଧୁନଗର ବ୍ଲକ ଜୟପୁର ପଞ୍ଚାୟତ ପୁରଡିହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜଣେ ଛାତ୍ର ସୋମବାର ବାଇକ୍ ଧକ୍କାରେ ଗୁରୁତର ହୋଇଛନ୍ତି। ପିଲାଙ୍କ ସୁରକ୍ଷା ଓ ବିଦ୍ୟାଳୟର ପାଚେରି ନିର୍ମାଣ ଦାବିରେ ସ୍ଥାନୀୟ ଲୋକେ ଉଦଳା-ବାଲେଶ୍ୱର ମୁଖ୍ୟ ରାସ୍ତାକୁ ବିଦ୍ୟାଳୟ ସମ୍ମୁଖରେ ଅପରାହ୍ନ ୧ଟାରୁ ୪ଟା ପର୍ଯ୍ୟନ୍ତ ଅବରୋଧ କରିଥିଲେ। ଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା।

ପୁରଡିହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପୁରଡିହି ଓ ଜଇାଦା ଗ୍ରାମ ସୀମାରେ ଅବସ୍ଥିତ ହୋଇଥିବାରୁ ଦୁଇ ଗ୍ରାମର ପିଲା ଅଧ୍ୟୟନ କରନ୍ତି। ଏହି ବିଦ୍ୟାଳୟଟିର ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ ହୋଇଥାଏ। ପଞ୍ଚମ ଶ୍ରେଣୀର ଛାତ୍ର ପୁରଡିହି ଗ୍ରାମର ଆଦିତ୍ୟ ବିଷ୍ଣୁ ବେହେରିଣିଆ ପାଠ ପଢା ଚାଲିଥିବା ବେଳେ ଶିକ୍ଷକଙ୍କ ଅଜ୍ଞାତରେ ବିଦ୍ୟାଳୟରୁ ବାହାରି ମୁଖ୍ୟ ରାସ୍ତାକୁ ଯାଉଥିବା ବେଳେ ଜଣେ ବାଇକ୍ ଚାଳକ ତାଙ୍କୁ ଧକ୍କା ଦେଇ ପଳାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଉଦଳା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତେବେ ବିଦ୍ୟାଳୟ ଚତୁଃପାର୍ଶ୍ୱରେ ପାଚେରି ନିର୍ମାଣ ଦାବିରେ ପୁରଡିହି ଗ୍ରାମର ମହିଳା ଓ ପୁରୁଷ ଏକାଠି ହୋଇ ପିଲାମାନଙ୍କ ସହିତ ରାସ୍ତାରୋକୋ କରିଥିଲେ। ଏହାକୁ ଜଇାଦା ଗ୍ରାମର ଲୋକେ ବିରୋଧ କରିଥିବା ଦେଖିବାକୁ ମିଳିଥିଲା। ରାସ୍ତାରୋକୋ ଖବରପାଇ ତହସିଲଦାର ଓମ ପ୍ରକାଶ ମହାନ୍ତି ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ସମାଧାନର ପନ୍ଥା ବାହାରି ପାରିନାହିଁ। ଆସନ୍ତାକାଲି ପୁଣି ରାସ୍ତାରୋକୋ କରିବା ପାଇଁ ଗ୍ରାମବାସୀ ଚେତାବନୀ ଦେଇଥିବା ବେଳେ ତହସିଲଦାର ମହାନ୍ତି ସମାଧାନ ନିମନ୍ତେ ୨ଗ୍ରାମର ଲୋକଙ୍କୁ ତହସିଲ କାର୍ଯ୍ୟାଳୟକୁ ଡାକିଥିବା ସୂଚନା ମିଳିଛି।


ମହିଳା ଓ ଛାତ୍ରୀଛାତ୍ର ରାସ୍ତାରୋକୋ କରିଛନ୍ତି।

